# ସେହି ଦ୍ୱାରର ଚାବି

ଆରାଧନାଳୟରେ ରହିବା ଏକ ସୌଭାଗ୍ୟ ଅଟେ! ଏହା ମୋ ପାଇଁ ମଧ୍ୟ, ଟିକିଏ ଅପ୍ରତ୍ୟାଶିତ ଥିଲା । ମୁଁ, ଏହା ଜାଣି ଯେ ଆଜି ରାତି ପ୍ରଭୁଭୋଜ ରାତି ଅଟେ, ମୁଁ ସର୍ବଦା ପସନ୍ଦ କରିଥାଏ, ଯଦି ମୁଁ ଆଖପାଖରେ କେଉଁ ସ୍ଥାନରେ ଅଛି, ତେବେ ପ୍ରଭୁଭୋଜ ଗ୍ରହଣ କରିବା ନିମନ୍ତେ ଆସେ । କାରଣ ଏହା…ମୁଁ ଭାବୁଛି ଯେ ସମସ୍ତ ଖ୍ରୀଷ୍ଟିଆନମାନେ ପ୍ରଭୁଭୋଜ ଗ୍ରହଣ କରିବାକୁ ଆଶା କରିବା ଉଚିତ, କାରଣ ଯୀଶୁ କହିଥିଲେ, "ଯଦି ତୁମେ ଏହାକୁ ଭୋଜନ ନ କର, ତେବେ ତୁମର ମୋ ସହିତ କୌଣସି ଅଂଶ ନାହିଁ ।" ତେଣୁକରି, ଏହା ଏକ…ସର୍ବଦା ଏକ ବଡ ସୌଭାଗ୍ୟର ବିଷୟ ଯେ ଆରାଧନାଳୟକୁ ଆସିବାକୁ—କୁ ପାରିବା । ତେବେ, ଆଜି ରାତି, ଭାଇ ନେଭିଲ୍ କହିଲେ ଯେ ସେ ଗଳାରେ ଟିକେ ଖରଖର ଅନୁଭବ କରୁଛନ୍ତି, ଏବଂ—ଏବଂ ଚାହାଁନ୍ତି ଯଦି ମୁଁ ଆମର ମଣ୍ଡଳୀ ସହିତ କଥାବାର୍ତ୍ତା କରିବି କି । ମୁଁ ତାଙ୍କୁ କହିଲି ଯେ ମୁଁ ଏହା କରିବା ନିମନ୍ତେ ଆନନ୍ଦିତ ହେବି । ମୁଁ ଏହା ମଧ୍ୟ ଘୋଷଣା କରିବାକୁ ଚାହେଁ ଯେ ଯଦି…

2 ଆସନ୍ତାକାଲି ରାତି ହେଉଛି ପୁରୁଷମାନଙ୍କର ସଭା, ଟ୍ରଷ୍ଟିମାନଙ୍କର, ଆସନ୍ତାକାଲି ରାତି, ଏବଂ ଏଠାରେ ଥିବା ବ୍ୟବସାୟୀମାନେ, ସେମାନଙ୍କର ନିୟମିତ ସୋମବାର ରାତିର ସଭାରେ ଏବଂ ସେମାନଙ୍କର…ଠିକାଦାରଙ୍କ ସହିତ ଏକ ନିଷ୍ପତ୍ତି ନେବାକୁ ଅଛି । ମୁଁ ଅନୁମାନ କରେ ଯେ ଆପଣମାନେ ସମସ୍ତେ ଏହା ବୁଝୁଛନ୍ତି ଯେ ଆମର—ଆମର—ଆମର କାଗଜପତ୍ର ଆଗକୁ ବଢିଛି, ଏବଂ ଆମେମାନେ ଗୀର୍ଜାଘର ନିର୍ମାଣ କରିବା ହେତୁ ସମର୍ଥ ହେବାକୁ ଯାଉଅଛୁ । ଏବଂ ତେଣୁକରି ଏହା ଆଗକୁ ଯାଇଛି, ଏବଂ ବୋଧହୁଏ ଏହି ସପ୍ତାହରେ ଆରମ୍ଭ ହେବ । ଯେତେ ଦୂର ମୁଁ ଜାଣେ, ଗୀର୍ଜାଘରଟି ଏହି ସପ୍ତାହରେ ଆରମ୍ଭ ହେବ । ଏବଂ ସେମାନେ ଏହା ବିଷୟରେ ଆମକୁ, ଏଠାରେ ଜେଫର୍ସନ୍‌ଭିଲରେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ମାତ୍ର ଆମେ ଇଣ୍ଡିୟାନାପୋଲିସ୍, ସେହି ରାଜ୍ୟକୁ ଗଲୁ, ଏବଂ ସେମାନେ ଆମକୁ ଅନୁମତି ଦେଲେ, ତେଣୁ ଆମେମାନେ ଏହାକୁ ନିର୍ମାଣ କରିବାକୁ ଯାଉଅଛୁ । ଏବଂ ତେଣୁ ଏହା ଆରମ୍ଭ ହୁଏ, ବୋଧହୁଏ, ଏହି ସପ୍ତାହରେ । ଏହା ଆସନ୍ତାକାଲି ରାତି ବୈଠକ ପରେ ଜଣା ପଡିବ । ଏବଂ ତାହାପରେ ଆସନ୍ତାକାଲି ରାତି ବୈଠକ ପରେ, ଯଦି ସେମାନେ ଏହି ସପ୍ତାହ ଆରମ୍ଭ ନ କରନ୍ତି, ଯଦି କିଛି ଗୋଟାଏ ଘଟେ, ସେହି ଠିକାଦାର ଏହି ସପ୍ତାହ ଆରମ୍ଭ କରି ନ ପାରେ, ତେବେ ସେ ପରବର୍ତ୍ତୀ ସପ୍ତାହ ଆରମ୍ଭ କରିବାକୁ ଯାଉଅଛି ।

3 ଏବଂ ଏହି ଆଗାମୀ ସପ୍ତାହାନ୍ତରେ, ପରବର୍ତ୍ତୀ ସପ୍ତାହର, ଶନିବାର ରାତି, ରବିବାର ସକାଳ ଏବଂ ରବିବାର ରାତିରେ, ଏହି ପରବର୍ତ୍ତୀ ଆଗାମୀ ଶନିବାର ଏବଂ ରବିବାରରେ, ପ୍ରଭୁ ଇଚ୍ଛା କଲେ, ମୁଁ ପୁନର୍ବାର, ଏକ—ଏକ—ଏକ ତ୍ରିଗୁଣ ସଭା କରିବାକୁ ଚାହେଁ, ଯେପରି ଆମେ କିଛି ସପ୍ତାହ ପୂର୍ବରୁ କରିଥିଲୁ । ଏବଂ ତାହାପରେ ଆମେ କରିବା ପରେ…ତାହା

ଶନିବାର ରାତି, ଏବଂ ତାହାପରେ ରବିବାର ସକାଳ, ଏବଂ ତାହାପରେ ରବିବାର ରାତି ହେବ। ଏହି ପରବର୍ତ୍ତୀ, ତାହା ଏହି ମାସର ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଦିନ ହେବ।

4 ଏବଂ ତାହାପରେ କେତେକେ ଭାଇ ଏବଂ ମୁଁ ସେହି ସମୟ ପରେ, ଏକ ଶିକାର ଯାତ୍ରାରେ, କଲୋରାଡୋକୁ ଯିବାକୁ ଯାଉଅଛୁ, ତାହାପରେ ଫେରି ଆସିବୁ। ଯଦି ସେହି ଆରାଧନାଳୟ, ଯେତେବେଳେ ଏହା ସମାପ୍ତ ହୋଇଯାଇଥିବ, ଯଦି ଏହା ପ୍ରଭୁଙ୍କର ଇଚ୍ଛା ଥାଏ, ତେବେ ମୁଁ ପୁନର୍ବାର ସଭାଗୁଡିକ ପାଇଁ ବାହାରି ଯିବା ପୂର୍ବରୁ, ହୋଇପାରେ, ଏକ ସମ୍ପୂର୍ଣ୍ଣ ସପ୍ତାହ ନେବାକୁ ଚାହେଁ, ଏବଂ ପ୍ରକାଶିତ ବାକ୍ୟର *ସପ୍ତ ମୁଦ୍ରା* ନେବାକୁ ଚାହେଁ। ଠିକ୍ ପୂର୍ବରୁ...ଯେପରିକି ଆମେ *ସପ୍ତ ମଣ୍ଡଳୀ ଯୁଗ* ନେଇଥିଲୁ, ବର୍ତ୍ତମାନ ତାକୁ ଅନୁକରଣ କରି *ସପ୍ତ ମୁଦ୍ରା* ରହିଛି।

5 ଏବଂ ବୋଧହୁଏ ପ୍ରାୟଃ ଦୁଇ କିମ୍ବା ତିନି ସପ୍ତାହ ମଧ୍ୟରେ, କାରଣ ମୁଁ ଭାବୁଛି ଯେ ସେମାନେ ଦାବି କରନ୍ତି ଯେ ସେମାନେ, ସେହି ପୁରୁଷମାନଙ୍କ ସହିତରେ ଯାହାକୁ ସେମାନେ ଏହା ଉପରେ ଦାୟିତ୍ୱରେ ରଖିବାକୁ ଯାଉଛନ୍ତି, ସେମାନେ କରିପାରନ୍ତି, ଆମେମାନେ ଆରାଧନାଳୟ ନିର୍ମାଣ କରିପାରୁ ଏବଂ ଏହାକୁ ପ୍ରାୟଃ ଦଶ ଦିନ, କିମ୍ବା ପନ୍ଦର ଦିନ, ସେହିପରି କିଛି ସମୟ ମଧ୍ୟରେ ପାଇପାରୁ। ତେବେ ଆମମାନଙ୍କ ପାଖରେ ଏଠାରେ ପ୍ରାୟଃ ଦୁଇଗୁଣ ଅଧିକ ଲୋକମାନଙ୍କ ନିମନ୍ତେ ବସିବା ପାଇଁ କୋଠରୀ ହେବାକୁ ଯାଉଅଛି, କିମ୍ବା ତିନିଗୁଣ, ବୋଧହୁଏ ଆହୁରି ଅଧିକ ଲୋକମାନଙ୍କ ପାଇଁ। ଏବଂ ସେହି ପ୍ରକାରେ ହିଁ ମୁଁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲି।

6 କାରଣ, ଗତ ଶନିବାର ଏବଂ ରବିବାର, ଏହା ଭୟଙ୍କର ଥିଲା, ଆପଣମାନେ ଜାଣନ୍ତି। ଲୋକମାନେ ଏଠାରେ ଆରାଧନାଳୟ ଭିତରକୁ ଆସିବା ପାଇଁ, ଅପରାହ୍ନ ଦୁଇଟାରେ ଛିଡା ହୋଇଥିଲେ, ଏହା ପୂର୍ବେକି ସେହି ଗୀର୍ଜାଘର କଦାଚ ଖୋଲା ହୁଅନ୍ତା। ପରଦିନ ସକାଳେ, ପାଞ୍ଚଟା ବେଳେ, ଜଣେ ନର୍ସ ଯିଏକି ଠିକ ମୋ ପଡୋଶରେ ରୁହନ୍ତି, ସେ ସେହି ସ୍ଥାନରୁ ଆସିଲେ, ଓ କହିଲେ, "ସେଠାରେ ସକାଳ ପାଞ୍ଚଟା ବେଳେ ଆରାଧନାଳୟର ଚାରିପାଖରେ ଲୋକମାନେ ଠିକ ରୁଣ୍ଡ ହୋଇ ଯାଇଛନ୍ତି।" ତେଣୁକରି, ଏବଂ ତାହାପରେ ଯେତେବେଳେ ଲୋକମାନେ, ସେମାନେ ଭିତରକୁ ଆସିଲେ, ସେଠାରେ କୌଣସି ସ୍ଥାନ ନ ଥିଲା, ଏବଂ ସେମାନେ ନିରାଶ ହୋଇ ଚାଲି ଗଲେ। ଏବଂ—ଏବଂ ତାହାପରେ ସେମାନେ ଯେଉଁମାନେକି ଛିଡା ହୋଇଥିଲେ, ଏବଂ ରୁଣ୍ଡ ହୋଇ ରହିଥିଲେ ଏବଂ ସେମାନେ ଗଳି ରାସ୍ତାରେ ଭୀଡ଼ ହୋଇ ରହିଥିଲେ, ସେମାନେ ସମସ୍ତ ଏକ ପ୍ରକାରେ ଚିପି ହୋଇ ରହିବାର, ଏବଂ ସବୁକିଛି ଅନୁଭବ କରିଥିଲେ। ଏବଂ ମୁଁ ସ୍ତ୍ରୀଲୋକମାନଙ୍କୁ ସେଠାରେ ଛିଡା ହୋଇଥିବାର ଦେଖିଲି, ଝାଳ ନାଳ ହୋଇ, ଆପଣମାନେ ଜାଣନ୍ତି, ସେପରି ଭାବରେ, ଏବଂ ସେମାନଙ୍କ ଦେହରୁ ଝାଳ ବୋହି ଯାଉଥାଏ। ଏବଂ କୌଣସି ପୁରୁଷ ତ୍ୟାଗ କରନ୍ତି ଏବଂ ନିଜର ଆସନ, କୌଣସି ମହିଳାଙ୍କୁ ଦେଇ ଦିଅନ୍ତି; ଏବଂ ତାହାପରେ ସେ ସେହି ସମୟ ପର୍ଯ୍ୟନ୍ତ ଛିଡା ହୋଇଥାନ୍ତି ଯେପର୍ଯ୍ୟନ୍ତକି ତାଙ୍କର ଗୋଡ ଯନ୍ତ୍ରଣା ନ ଦିଏ, ଏବଂ ଅନ୍ୟ ଜଣେ କେହି

ତାଙ୍କୁ ନ ଦେଇ ଦିଅନ୍ତି । ଆପଣମାନେ ଜାଣନ୍ତି, ଏବଂ ସେହିପରି ଭାବରେ, ଏବଂ ଏହା ଅତ୍ୟନ୍ତ ଦୁଃଖଦାୟକ ଅଟେ, ଏବଂ ମାତାମାନେ ସେମାନଙ୍କ ଛୋଟ ଛୋଟ ଅସୁସ୍ଥ ସନ୍ତାନମାନଙ୍କ ସହିତ ଓ ପ୍ରଭୃତି ସହିତ, ତାହା ଖରାପ ଅଟେ ।

7 ତେଣୁକରି, ଆମେ ବର୍ତ୍ତମାନ ଏକ ବୃହତ ବଡ଼ ଆରାଧନାଳୟ ନିର୍ମାଣ କରି ଏହାକୁ କ୍ଷାନ୍ତ କରିବାକୁ ଚେଷ୍ଟା କରୁଛୁ । ଏବଂ ଆମର ଏକ ସୁନ୍ଦର ସ୍ଥାନ ରହିବ ଯେଉଁଠାରେକି ପିଲାମାନେ, ବେଳେ ବେଳେ…ଏବଂ ବାଧା ଦେଇଥାଆନ୍ତି, ଯେପରିକି ଛୋଟ ପିଲାମାନଙ୍କ କାନ୍ଦନ୍ତି; ତେବେ, ଆମେ ଏଥିପାଇଁ ଏକ କୋଠରୀ ନିର୍ମାଣ କରିବାକୁ ଯାଉଛୁ, ଯେଣୁ ମାଆମାନେ ଭିତରକୁ ଯାଇପାରନ୍ତି, ତଥାପି ସେବା ଦେଖିପାରନ୍ତି, ଏବଂ ଠିକ ସେହି କୋଠରୀକୁ ପ୍ରସାରଣ କରା ଯାଇପାରେ । ଏବଂ ରବିବାର ଶ୍ରେଣୀର ଶିକ୍ଷା ପାଇଁ କୋଠରୀଗୁଡ଼ିକ ରହିବ ଏବଂ ସବୁକିଛି ବିଷୟ ଠିକ ସେହିପରି ଭାବରେ ରେଖାଙ୍କିତ ହୋଇ ରହିବ ଯେପରିକି ଏହା ହେବା ଉଚିତ୍ । ଏବଂ ତାହା, ଯଦି ପ୍ରଭୁ ଇଚ୍ଛା କରନ୍ତି, ଘଟିବ, ତେବେ ଆସନ୍ତା ସପ୍ତାହରେ ଆସିବ ।

8 ଆପଣମାନେ ସମସ୍ତେ ଏଥିରେ ଶତପ୍ରତିଶତ ମତଦାନ ଦେଇଛନ୍ତି, ତେଣୁକରି ଆମେ ତାହାକୁ ଠିକ ଏଥିରେ ରଖିଛୁ, ଦେଖନ୍ତୁ । ମଣ୍ଡଳୀ ସାର୍ବଭୌମ ଅଟେ । ମଣ୍ଡଳୀ ଯାହା କୁହେ, ତାହା ହିଁ ମାନ୍ୟ ଅଟେ । ଟ୍ରଷ୍ଟି କିମ୍ବା ଅନ୍ୟ କେହି ନୁହଁନ୍ତି…ଟ୍ରଷ୍ଟିମାନେ କେବଳ, ପ୍ରତ୍ୟେକ ଜଣ, ତ ଗୋଟିଏ ମତ ଗଣନା କରାଯାଏ । ପାଳକଙ୍କର କେବଳ ଗୋଟିଏ ମତ ଗଣନା କରାଯାଏ । ଏହା ତ ମଣ୍ଡଳୀ ଅଟେ, ଯେ ଏହା—ଏହା ତ ମଣ୍ଡଳୀର ପ୍ରଜାତନ୍ତ୍ର ଅଟେ, ମଣ୍ଡଳୀର ସେହି ସାର୍ବଭୌମତ୍ୱ ଅଟେ । ମଣ୍ଡଳୀ, ସମଗ୍ର ଭାବେ, କଥା କହିଥାଏ । ତାହାହିଁ ସବୁକିଛି ଅଟେ । ଏବଂ ଆମେମାନେ ତାହା ପସନ୍ଦ କରୁ, କାରଣ ଆମର କୌଣସି ବିଶପ୍ କିମ୍ବା ପଦାନୁକ୍ରମେ ଅଧିକାରୀ କିମ୍ବା ତଦାରଖକାରୀ କିମ୍ବା ଅନ୍ୟ କେହି ନାହାଁନ୍ତି ଯେ ଆମକୁ *ଏହା, ତାହା,* କିମ୍ବା *ଅନ୍ୟ*କିଛି କୁହନ୍ତି । ଏହା ତ ମଣ୍ଡଳୀରେ ପବିତ୍ରଆତ୍ମା ହିଁ, କଥାବାର୍ତ୍ତା କରନ୍ତି । ମୁଁ ସେହି ନିୟମ ପସନ୍ଦ କରେ, ଏବଂ ଏହା ବହୁତ ଭଲ ଅଟେ ।

9 ଏବଂ ମୁଁ ପଚାରିଲି, "କଅଣ ଆପଣମାନେ ସମସ୍ତେ ସେସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହାଁନ୍ତି କି ଯେପର୍ଯ୍ୟନ୍ତ ଆମେମାନେ ଏହି ଆରାଧନାଳୟକୁ ଘୁଞ୍ଚାଇ ଏକ ବଡ ଗୀର୍ଜାଘର ନିର୍ମାଣ କରିବା ପାଇଁ ଯଥେଷ୍ଟ ନ ପାଇଅଛୁ?" ତାହା ଟ୍ରଷ୍ଟି ବୋର୍ଡ ଉପରେ ନ୍ୟସ୍ତ ଥିଲା, ଏବଂ ଏହା ଟ୍ରଷ୍ଟିମାନଙ୍କ ଦ୍ୱାରା ସମାଧାନ କରାଯାଇ ପାରି ନ ଥିଲା । ଏବଂ ତାହାପରେ ସେମାନେ ମୋତେ, ସାଧାରଣ ପର୍ଯ୍ୟବେକ୍ଷକ ଭାବରେ କହିଲେ, ଯେ ମୁଁ ଆସି ମଣ୍ଡଳୀକୁ ପଚାରେ । ତେଣୁ ମୁଁ କହିଲି, "ତେବେ ଆମ ପାଖରେ ଗୀର୍ଜାଘରର ଆକାର ବଡ କରିବାକୁ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ଅଲଗା କରି ନିର୍ମାଣ କରିବାକୁ ଏବଂ ସବୁକିଛି କରିବାକୁ, ଯାହା ପୂର୍ବରୁ ଥିଲା, ତାହାଠାରୁ ଅଧିକ ଯଥେଷ୍ଟ ଅର୍ଥ ଅଛି ।" ମୁଁ କହିଲି, "ତେବେ ଆମେମାନେ ତାହା ତୁରନ୍ତ କରିପାରିବା, କିମ୍ବା ଆମର ଅର୍ଥକୁ ସଞ୍ଚୟ କରି ରଖିପାରିବା ଯେପର୍ଯ୍ୟନ୍ତକି ଆମ ପାଖରେ ସମ୍ପୂର୍ଣ୍ଣ ଗୀର୍ଜାଘର, ନୂତନ ଭାବେ, ଅନ୍ୟ କୌଣସି ସ୍ଥାନରେ ନିର୍ମାଣ କରିବା ପାଇଁ ଯଥେଷ୍ଟ ଧନ ନ ହୋଇଯାଏ ।"

10 ଏବଂ ଆମେମାନେ ମଣ୍ଡଳୀରେ ତାହା ଉପରେ ଏକ ମତଦାନ କରାଇଲୁ, ଏବଂ ଏହାକୁ ସର୍ବସମ୍ମତି ଭାବରେ ମତ ଦିଆଗଲା ଯେ "ଠିକ ବର୍ତ୍ତମାନ ହିଁ ଗୀର୍ଜାଘରକୁ ନିର୍ମାଣ କରାଯାଉ, ଏବଂ ଏହା ଠିକ ବର୍ତ୍ତମାନ ଏକ ଅଧିକ ବଡ ଗୀର୍ଜାଘର ନିର୍ମାଣ କରାଯାଉଅଛି।" ଏବଂ ଆମେ ଠିକ ତାହା ସହିତ ରହିଛୁ।

11 ଏବଂ ଏଠାରେ ଜେଫର୍ସନ୍‌ଭିଲେରେ ଥିବା ବୋର୍ଡ ଆମକୁ ମନା କରି ଦେଲେ, କହିଲେ ଆମେ ଏହା କରିପାରିବୁ ନାହିଁ। ଏବଂ ଆମେ ତାହାକୁ ଛାଡ଼ି, ଇଣ୍ଡିୟାନାପୋଲିସ୍‌କୁ ଗଲୁ ଏବଂ ସରକାରକୁ ଏହା ଭିତରକୁ ଆଣିଲୁ। ଏବଂ ତାହାପରେ ସେମାନେ ଖବର ପଠାଇଲେ, ଯେ, "ଆରମ୍ଭ କର," ଆମ ପାଖରେ ଏହାକୁ ନିର୍ମାଣ କରିବା ପାଇଁ ଅଧିକାର ରହିଲା। ତେବେ ବର୍ତ୍ତମାନ ସେହି ନଗରର ଏହା ସହିତ କୌଣସି ସମ୍ପର୍କ ନାହିଁ, ଏହା ସହିତ ତ ସରକାରର ସମ୍ପର୍କ ଅଛି। ତେଣୁକରି ତେବେ ଆମ ପାଖରେ ଅନୁମତି ଅଛି, ଏବଂ ଠିକ ବର୍ତ୍ତମାନ ଠିକାଦାର ହାତରେ ସେହି—ସେହି ଅନୁମତି ଅଛି, ଏବଂ ମୁଁ ଭାବୁଛି ଯେ ସେମାନେ ଯେକୌଣସି ସମୟରେ ଆରମ୍ଭ କରିବାକୁ ପ୍ରସ୍ତୁତ ଅଟନ୍ତି।

12 ଏହି ଆସନ୍ତାକାଲି ରାତିରେ, ଯଦି ସେହି—ଯଦି ସେହି ଠିକାଦାର କୁହନ୍ତି ଯେ ସେ ଆସନ୍ତା ସପ୍ତାହ କାମ ଆରମ୍ଭ କରିବାକୁ ଚାହୁଁଛନ୍ତି, ତାହାହେଲେ ମୁଁ କେବଳ ସଭାଗୁଡ଼ିକୁ ସେପର୍ଯ୍ୟନ୍ତ ବାତିଲ୍ କରି ଦେବି…ଯେପର୍ଯ୍ୟନ୍ତକି ଆମେ *ସପ୍ତ ମୁଦ୍ରା* ମଧ୍ୟକୁ ନ ଆସୁ। ଏବଂ ତାହାପରେ ଯଦି ସେହି ଠିକାଦାର ଆସନ୍ତା ସପ୍ତାହ କାମ ଆରମ୍ଭ ନ କରିପାରନ୍ତି, ତେବେ ପରବର୍ତ୍ତୀ ରବିବାର, ଶନିବାର ଏବଂ ରବିବାର, ମୁଁ ଏହି ସ୍ଥାନକୁ ଛାଡ଼ି ଯିବା ପୂର୍ବରୁ ମୋର ସଭାକୁ ନେବି।

13 ଏବଂ ତାହାପରେ ମୁଁ ଏହାକୁ ଏହି ରବିବାର ନେବାକୁ ଯାଉଥିଲି, ଏବଂ ତାହାପରେ ଜାଣିବାକୁ ପାଇଲି ଯେ ଆଜି ରାତି ତ ପ୍ରଭୁଭୋଜ ଅଟେ, ତେଣୁ ମୁଁ ଏହାକୁ ଏହି ରବିବାର ଛାଡି ଦେଲି। କାରଣ, ଏହିପରି ଏକ ଜନସମୂହ, ଆପଣ ଆରାମରେ ପ୍ରଭୁଭୋଜ ନେଇପାରନ୍ତି ନାହିଁ, ଏବଂ ତାହାପରେ ଯେତେବେଳେ ଆମର ବଡ଼ ଗୀର୍ଜାଘର ହୋଇଯିବ ସେତେବେଳେ ଆମେମାନେ କରିପାରିବା।

14 ତେବେ, ଆମର ଜଣେ ଆଗାମୀ ରାଷ୍ଟ୍ରପତି ଆସୁଛନ୍ତି। ସେହି…ଓଃ, ଆପଣ ଜାଣିଛନ୍ତି ଯେ ମୁଁ କଅଣ କହୁଛି, ଏହା ଅଳ୍ପ ସମୟ ପୂର୍ବରୁ ହିଁ ହିକର୍ସନ୍ ପରିବାରକୁ ଦିଆଯାଇଥିଲା। ଏବଂ ଆମର ଭଉଣୀ ଯିଏକି ପିଆନୋବାଦକ ଅଟନ୍ତି, ଯଦି ସେ ଆସି ଆମକୁ ପିଆନୋରେ ଏକ ଗୀତର କୋର୍ଡ ଦେବେ, ସେହି ଗୀତ "ସେମାନଙ୍କୁ ଭିତରକୁ ଆଣ," ଯଦି ଆପଣ ତାହା ଚାହାଁନ୍ତି, କିମ୍ବା ସେହି ପ୍ରକାରର କୌଣସି ଛୋଟ ଗୀତର। ହିକର୍ସନ ପରିବାରରେ ଥିବା ଏହି ଉତ୍ତମ ଛୋଟ ଭଦ୍ରଲୋକଜଣ, ଯାହାଙ୍କୁ ଦୀର୍ଘ ଦିନ ଧରି ଅପେକ୍ଷା କରା ଯାଇଥିଲା, ସେ ପହଞ୍ଚି ଯାଇଛନ୍ତି। ଜଣେ ଅତି ଉତ୍ତମ ଛୋଟ ବନ୍ଧୁ, ଏବଂ ସେ ନିଶ୍ଚିତ ଭାବରେ ହିକର୍ସନ୍ ପରିବାରବର୍ଗଙ୍କ ପାଇଁ ଏକ ରତ୍ନମଣି ଅଟନ୍ତି। ଏବଂ ସେମାନେ ସମସ୍ତେ ଆମ ପାଇଁ ରତ୍ନମଣି

ଅଟନ୍ତି, ଆମେ ସେମାନଙ୍କୁ ଭଲ ପାଉ ଏବଂ ସେମାନେ ପ୍ରକୃତରେ ଆମର ଭାଇ ଏବଂ ଭଉଣୀ ଅଟନ୍ତି । ସେମାନଙ୍କ ପରିବାରରେ ଜନ୍ମ ହୋଇଥିବା ଏହି ସାନ ଶିଶୁ ପାଇଁ ଆମେମାନେ ଧନ୍ୟବାଦୀ ଅଟୁ, ଯାହାକି ପରିବାରକୁ ସଂପୂର୍ଣ୍ଣ ଭାବେ ରୂପାନ୍ତରିତ କରି ଦେଇଛି । ଏବଂ ଯଦି ସେମାନେ, ପିତା ଏବଂ ମାତା ଏହି ଛୋଟ ସାଥୀକୁ ବର୍ତ୍ତମାନ ଉତ୍ସର୍ଗ ପାଇଁ ଆଣିବେ । ତେବେ, ଶାସ୍ତ୍ର କହେ, "ସେମାନେ ତାହାଙ୍କ ନିକଟକୁ ପିଲାମାନଙ୍କୁ, ସାନ ଶିଶୁମାନଙ୍କୁ ଆଣିଲେ, ଯେପରିକି ସେ ସେମାନଙ୍କ ଉପରେ ନିଜର ହାତ ରଖି ସେମାନଙ୍କୁ ଆଶୀର୍ବାଦ କରିବେ ।"

15 ତେବେ, ଜଗତରେ ଏପରି କିଛି ଲୋକମାନେ ଅଛନ୍ତି ଯେଉଁମାନେକି ସେହି ବିଷୟରେ ବିଶ୍ୱାସ କରନ୍ତି ଯାହାକୁ କୁହାଯାଏ "ଶିଶୁ ବାପ୍ତିସ୍ମ ।" ଏବଂ, ତାହା ହେଉଛି, ସେମାନେ ଏହି ଛୋଟ ଛୋଟ ପିଲାମାନଙ୍କୁ ନିଅନ୍ତି ଏବଂ ସେମାନଙ୍କୁ ଆଦୌ ବାପ୍ତିଜିତ କରନ୍ତି ନାହିଁ, କାରଣ ସେମାନେ କେବଳ ସେମାନଙ୍କ ଉପରେ ପାଣି ଛିଞ୍ଚଣ କରନ୍ତି । ତେବେ, ଆମେମାନେ ବାଇବଲର କୌଣସି ସ୍ଥାନରେ ତାହା ପାଇ ନ ଥାଉ, ଯେଉଁଠାରେକି ସେମାନେ କେବେ ବି କୌଣସି, ବୟସ୍କମାନଙ୍କୁ ଛିଞ୍ଚଣ କରିଥିଲେ, ପିଲାମାନଙ୍କୁ ତ ଛାଡି ଦିଅନ୍ତୁ ।

16 ଏବଂ ତେଣୁକରି ବାପ୍ତିସ୍ମ ହେଉଛି ଏକ ସ୍ୱୀକାରୋକ୍ତି ଯେ ଅନୁଗ୍ରହର ଏକ ଅନ୍ତର୍ନିହିତ କାର୍ଯ୍ୟ କରା ଯାଇଅଛି । ଏବଂ ସେହି ଛୋଟ ଶିଶୁମାନେ ପାପ ବିଷୟରେ କୌଣସି ଜ୍ଞାନ ପାଇ ନ ଥାଆନ୍ତି । ଅତଏବ, ଯେତେବେଳେ ଯୀଶୁ କ୍ରୁଶରେ ମୃତ୍ୟୁବରଣ କଲେ, ସେ ଜଗତର ପାପକୁ ଦୂର କରିବା ପାଇଁ ମରିଥିଲେ । ଏବଂ ଯେତେବେଳେ ସେହି ଶିଶୁଟି ମଣିଷ ହୋଇ, ଏହି ଜଗତରେ ଜନ୍ମଗ୍ରହଣ କରେ, ସେମାନଙ୍କର ନିଜର କୌଣସି ପାପ ନ ଥାଏ, ତେଣୁକରି ସେମାନଙ୍କୁ କୌଣସି ଅନୁତାପ କରିବାକୁ ନ ଥାଏ । ମାତ୍ର, ଯେତେବେଳେକି ତାହା, ଯୀଶୁ ଖ୍ରୀଷ୍ଟଙ୍କ ସେହି ରକ୍ତ ସେହି ପାପକୁ ଦୂର କରିଦିଏ । ଅବଶ୍ୟ, ଶିଶୁଟି ପାପରେ ଜନ୍ମଗ୍ରହଣ କରିଥାଏ, ଅଧର୍ମରେ ଗଢା ହୋଇଥାଏ, ମିଥ୍ୟା କହି ଜଗତକୁ ଆସିଥାଏ, ଏବଂ ସେମାନେ ସ୍ୱଭାବରେ ପାପୀ ଅଟନ୍ତି, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ସେହି ରକ୍ତ ତାହା ପାଇଁ ପ୍ରାୟଶ୍ଚିତ କରେ । ମାତ୍ର ଯେତେବେଳେ ସେହି ଶିଶୁଟି ଉତ୍ତରଦାୟିତ୍ୱର ବୟସକୁ ଆସିଥାଏ, ଏବଂ ଏହା ଜାଣିଥାଏ ଯେ କେଉଁଟି ଠିକ୍ ଏବଂ କେଉଁଟି ଭୁଲ୍, ସେତେବେଳେ କରିଥିବା ସେହି କାର୍ଯ୍ୟ ପାଇଁ ଏହାକୁ ଅନୁତାପ କରିବାକୁ ପଡିଥାଏ । ଏହା ବର୍ତ୍ତମାନ ପାପ ସେହି ପାପ ଅଟେ ଯେପରିକି ତାହା ପାପରେ ଜନ୍ମ ହୋଇଥିବା ଅଟେ, ଏହା ମାନବୀୟ ପାପ ଅଟେ, ବର୍ତ୍ତମାନ ପାପ ହେଉଛି ସେହି ପାପ ଯାହା ଆଦମ ଏବଂ ହବା କରିଥିଲେ; ଏବଂ ତାହା ପରମେଶ୍ୱରଙ୍କ ଦ୍ୱାରା, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ କରାଯାଇଥିଲା । ବର୍ତ୍ତମାନ ସେହି ଶିଶୁକୁ ପ୍ରାୟଶ୍ଚିତ କରିବା ପାଇଁ କୌଣସି ପାପ ହିଁ ନାହିଁ ଯେପର୍ଯ୍ୟନ୍ତକି ସେ ପାପ ନ କରେ, ତାହାପରେ ଯାଇ ତାକୁ ଅନୁତାପ କରିବାକୁ ହେବ । ବୁଝିଲେ? ଏବଂ ଯେତେବେଳେ ସେ ଅନୁତାପ କରେ, ସେତେବେଳେ ହିଁ ତାହା ବାପ୍ତିଜିତ ହେବାର ସମୟ ଅଟେ, ଏବଂ ତାହାପରେ ସେ ବୁଡ଼ ପକାଇ ବାପ୍ତିଜିତ ହୁଏ ।

17 ସେହି ସମୟ ପର୍ଯ୍ୟନ୍ତ, ଆମେ ବାଇବଲର ନିର୍ଦ୍ଦେଶାବଳୀ ଅନୁକରଣ କରୁ, ଯାହାକି, "ସେମାନେ ଯୀଶୁଙ୍କ ପାଖକୁ ସାନ ସାନ ଶିଶୁମାନଙ୍କୁ ଆଣିଲେ, ଯେପରିକି ସେ ସେମାନଙ୍କ

ଉପରେ ନିଜର ହାତ ରଖି ସେମାନଙ୍କୁ ଆଶୀର୍ବାଦ କରନ୍ତି।" ଏହି ସୁନ୍ଦର ପିତାମାତା ଆଜି ରାତିରେ ଏହି ଛୋଟ ଶିଶୁକୁ ପାଳକଙ୍କ ନିକଟକୁ ଏବଂ ମୋ ନିକଟକୁ, ଉତ୍ସର୍ଗ ପାଇଁ ଆଣୁଛନ୍ତି। ଏବଂ ସେମାନେ ଅନୁଭବ କରନ୍ତି ଯେ ଏହାକୁ ଖ୍ରୀଷ୍ଟଙ୍କ ପ୍ରତିନିଧିମାନଙ୍କ ହାତରେ ସମର୍ପଣ କରିବାର ଅର୍ଥ, ସେମାନେ ଏହାକୁ ଖ୍ରୀଷ୍ଟଙ୍କ ହାତରେ ରଖୁଛନ୍ତି। ତାହାପରେ, ବିଶ୍ୱାସ ଦ୍ୱାରା, ଆମେ ସେହି ଶିଶୁକୁ ପରମେଶ୍ୱରଙ୍କ ନିକଟକୁ ନେଇଥାଉ, ଯେପରିକି ଏହାକୁ ଏଠାକୁ ଆଣିଥିବା ପାଇଁ ଧନ୍ୟବାଦ ଦେଉ, ଏବଂ ପରମେଶ୍ୱରଙ୍କୁ ଏହାକୁ ଆଶୀର୍ବାଦ କରିବା ପାଇଁ ବିନତୀ କରିଥାଉ, ଯାହାକୁ ଆମେମାନେ "ଶିଶୁ ଉତ୍ସର୍ଗୀକରଣ" ବୋଲି କହିଥାଉ।

18 ତେବେ, ଆପଣମାନେ ଜାଣନ୍ତି ଯେ ମୁଁ ମୋର ନିଜର ପିଲାମାନଙ୍କ ବିଷୟରେ କିପରି ହୋଇଥାଏ। ଆଜି ରାତି ମୋର ସାନ ଝିଅଟିଏ ମହିମାରେ ରହିଛି, ଏବଂ ତାକୁ ଏଠାରେ ଯଜ୍ଞବେଦୀରେ, ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରା ହୋଇଥିଲା। ଆଜି ରାତି, ମୋର ଜଣେ ସାନ ପୁଅ ଏବଂ ଝିଅ ସେଠାରେ ପଛରେ ବସି ରହିଛନ୍ତି, ଯେଉଁମାନେକି ଏପର୍ଯ୍ୟନ୍ତ ବାପ୍ତିଜିତ ହୋଇନାହାଁନ୍ତି। ଜଣେ, ଏଗାର ବର୍ଷର, ସାରା, ମୁଁ ଆଜି ହିଁ ତାହା ସହିତ ଏହା ବିଷୟରେ, ବାପ୍ତିସ୍ମ ପାଇଁ କଥାବାର୍ତ୍ତା କରୁଥିଲି। ଏବଂ ଯୋଷେଫ ତ ମାତ୍ର ସାତ ବର୍ଷର ଅଟେ, ତେଣୁ ସେ ଏପର୍ଯ୍ୟନ୍ତ ତାହା ନିମନ୍ତେ ଅତି ଅଳ୍ପ ବୟସର ଅଟେ, ଯେପର୍ଯ୍ୟନ୍ତକି...ଯଦି ସେ ଏହା ଇଚ୍ଛା କରେ, ଏବଂ କୁହେ ଯେ ପରମେଶ୍ୱର ହିଁ ଏହାକୁ ତାର ହୃଦୟରେ ରଖୁଛନ୍ତି, ତାହାହେଲେ ଯାଇ ମୁଁ ତାହା କରିବି। ମାତ୍ର, ଶିଶୁ ଭାବରେ, ମୁଁ କେବଳ ସେମାନଙ୍କୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଦେଇଥାଏ, କାରଣ ତାହାହିଁ ଏହା ବିଷୟରେ ଶାସ୍ତ୍ରସଙ୍ଗତ ଅଟେ।

19 ଭାଇ ନେଭିଲ୍, ଯଦି ଆପଣ ବର୍ତ୍ତମାନ ମୋ ସହିତ ଏହି ସୁନ୍ଦର ବାଳକ ନିକଟକୁ ଆସିବେ। ମୁଁ ଭୟ କରୁଥିଲି...କଅଣ ସେ ହୋଲିନ୍ କି? ହୋଲିନ୍? ହଁ, ହୋଲିନ୍, ଜୁନିୟର୍। ଷ୍ଟିଫେନ୍ ହୋଲିନ୍। ତେବେ, ତାହା ଠିକ ଅଟେ। ଓଃ, ମୁଁ ଭାବିଲି ଯେ ସେ ଶୋଇଅଛି। ତାହାହିଁ ହେଉଛି ହିକର୍ସନ୍‌ମାନଙ୍କର ସ୍ୱଭାବ, ଯାହା କିଛି ବି ଚାଲିଥାଉ। ମୁଁ ତାକୁ ଅନ୍ୟ ଦିନ ଦେଖିଥିଲି, ମୁଁ କହିଲି "ରାଷ୍ଟ୍ରପତି," ଏବଂ ପ୍ରଭୃତି ସବୁ। ଏବଂ, ଅବଶ୍ୟ, ତାହା ତାଙ୍କ ପାଇଁ ବହୁତ ଛୋଟ ଥିଲା, ଦେଖନ୍ତୁ, ତାଙ୍କୁ "ରାଷ୍ଟ୍ରପତି" ବୋଲି କହିବା। ଆପଣ କେମିତି ଅଛନ୍ତି? ତେବେ, ମୁଁ ଜାଣେ ଯେ ଏହା ଯେକୌଣସି ଧାର୍ମିକ ମାତା ପାଇଁ ଏକ ବହୁମୂଲ୍ୟ ଧନ ହେବାକୁ ବାଧ୍ୟ। କଅଣ ଆପଣ ସେପରି ଭାବନ୍ତି ନାହିଁ କି? ବହୁତ ମଧୁର। ଏବଂ ବର୍ତ୍ତମାନ, ଭାଇ ହିକର୍ସନ ଏବଂ ଭଉଣୀ ହିକର୍ସନ, ଖ୍ରୀଷ୍ଟଙ୍କ ଜଣେ ସେବକ ଭାବରେ, ଆପଣଙ୍କର ପାଳକ ଭାବରେ, ମୁଁ ଏହି ଶିଶୁକୁ, ବିଶ୍ୱାସ ଦ୍ୱାରା, ଯୀଶୁ ଖ୍ରୀଷ୍ଟଙ୍କ ବାହୁକୁ ନେଉଅଛି, ଯାହାଙ୍କଠାରେ ଆପଣ ଏହାକୁ ତାହାଙ୍କ ବାହୁରେ ରଖିବାକୁ ଇଚ୍ଛା କରନ୍ତି।

20 ଆସନ୍ତୁ ଆମେମାନେ ମସ୍ତକଗୁଡିକୁ ନତ କରିବା ଯେତେବେଳେକି ପାଳକ ଏବଂ ମୁଁ ଏଠାରେ ଶିଶୁ ଉପରେ ନିଜ ହାତ ରଖି ଛିଡା ହୋଇଅଛୁ।

21 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ବାଇବଲରେ ସେମାନେ ତୁମ ନିକଟକୁ ସାନ ଶିଶୁମାନଙ୍କୁ

ଆଣୁଥିଲେ, ଯେପରିକି ତୁମେ ସେମାନଙ୍କ ଉପରେ ହାତ ରଖି ସେମାନଙ୍କୁ ଆଶୀର୍ବାଦ କରିବ। ଏବଂ ପ୍ରକୃତରେ, ପ୍ରଭୁ, ସେମାନେ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ। ଏବଂ ବର୍ତ୍ତମାନ ତୁମର ଉଦାହରଣକୁ ଅନୁସରଣ କରିବାକୁ ଯାଇ, ସେହି ବିଷୟ ଯାହା ତୁମେ କରିଥିଲ, ପ୍ରଭୁ, ଆମେମାନେ ଅତି ନିକଟରୁ ଚେଷ୍ଟା କରୁଅଛୁ, ବାଇବଲକୁ ପାଠ କରିବା ପାଇଁ ଏବଂ ସେହି ଉଦାହରଣକୁ ଅନୁସରଣ କରିବା ପାଇଁ ଯାହା ତୁମେ କରିଥିଲ। ଏବଂ ଏହି ପିତା ଏବଂ ମାତା, ଭାଇ ଏବଂ ଭଉଣୀ ହିକର୍ସନ, ଏଠାରେ ଆରାଧନାଳୟରେ ଆମର ପ୍ରିୟ ଶିଷ୍ୟମାନେ, ଆମ ପାଖକୁ ଆନନ୍ଦର ଏହି ଛୋଟ ବିଷୟକୁ ନେଇକରି ଆସିଛନ୍ତି ଯାହାକି ତୁମେ ସେମାନଙ୍କ ଯତ୍ନରେ ଦେଇଅଛ। ହେ ପ୍ରଭୁ, ଏହା ତୁମଠାରୁ ଆସିଅଛି। ତୁମେ ସେମାନଙ୍କୁ ଏହି ଶିଶୁ ଦେଇଅଛ। ଏବଂ ବର୍ତ୍ତମାନ ସେମାନେ ଏହାର ଛୋଟ ଜୀବନକୁ ତୁମକୁ, ତୁମର ସେବା ନିମନ୍ତେ ହେଉ ବୋଲି ଦେବାକୁ ଇଚ୍ଛା କରନ୍ତି। ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହି ପିଲାକୁ ଆଶୀର୍ବାଦ କରିବ, ଯେ ତୁମେ ଏହାକୁ ଦୀର୍ଘ ଜୀବନ ଦେବ। ଯଦି ସମ୍ଭବ ହୁଏ, ତେବେ ପ୍ରଭୁଙ୍କ ଆଗମନକୁ ଦେଖିବା ପାଇଁ, ଏହା ଜୀବିତ ରହୁ। ମୁଁ ପ୍ରାର୍ଥନା କରୁଛି ଯେ ଏହା ଯେଉଁଠାରେ ବି ଥାଏ ତୁମେ ଏହାକୁ ଆଶୀର୍ବାଦ କରିବ। ଏହା ହେଉ ଯେ ତାହା ଏକ ଖ୍ରୀଷ୍ଟିଆନ ଘରେ ପାଳିତ ହେଉ, ଯେପରିକି ତାହା ଗୋଟିଏ ଘରେ ଜନ୍ମ ହୋଇଅଛି। ଏବଂ ଏହା ହେଉ ଯେ ତାହା ଏହି ଘରେ ଜାରି ରହୁ। ଯଦି ସମ୍ଭବ ହୁଏ, ତେବେ ପିତା ଏବଂ ମାତା ଏହି ଶିଶୁକୁ ପ୍ରଚାର ମଞ୍ଚରେ, ସୁସମାଚାର ପ୍ରଚାର କରୁଥିବାର ଦେଖିବା ପାଇଁ ବଞ୍ଚନ୍ତୁ। ପିତା, ସେମାନେ ଏହାକୁ ସେହିପରି ଭାବରେ ଦେଖିବାକୁ ପସନ୍ଦ କରିବେ, ଯେ ଏହା ପରିବର୍ତ୍ତେ କି ସେ ୱାଇଟ ହାଉସର ସେହି—ସେହି ସିଂହାସନରେ ରହୁ, କିମ୍ବା ଅନ୍ୟ କୌଣସି ସ୍ଥାନରେ ରହୁ, କାରଣ ସେମାନେ ତୁମର ସେବକ ଅଟନ୍ତି, ଏବଂ ଇଚ୍ଛା କରନ୍ତି ଯେ ଏହି ଶିଶୁର ଜୀବନକୁ ପରମେଶ୍ୱରଙ୍କ କାର୍ଯ୍ୟରେ ଉତ୍ସର୍ଗୀକୃତ ଏବଂ ଅଭିଷେକ କରାହେଉ।

22 ତେବେ ମୁଁ ପ୍ରାର୍ଥନା କରୁଛି ଯେ, ହେ ପିତା, ତୁମେ ପିଲାଟିକୁ ଆଶୀର୍ବାଦ କରିବ। ଏବଂ ପରମେଶ୍ୱରଙ୍କ ଅନୁଗ୍ରହ ଏହା ଉପରେ ଆସୁ, ଏବଂ ଏହା ତାର ଜୀବନସାରା ସୁସ୍ଥ ଏବଂ ସୁଖୀ ରହୁ। ଏବଂ ବାପା ଓ ମାଆ ଏହାକୁ ବୃଦ୍ଧି ପାଉଥିବାର ଦେଖିବା ପାଇଁ ବଞ୍ଚନ୍ତୁ, ଆମେ ପୁଣିଥରେ ମାଗୁଅଛୁ। ଆମେ ତୁମ ନାମରେ ଯାହାକୁ ଆଶୀର୍ବାଦ କରୁ ସେହି ବ୍ୟକ୍ତିଙ୍କୁ ଆଶୀର୍ବାଦ କର।

23 ଏବଂ ବର୍ତ୍ତମାନ, ଛୋଟ ଷ୍ଟିଫେନ୍ ହୋଲିନ୍ ହିକର୍ସନ, ମୁଁ ତୁମକୁ ଯୀଶୁ ଖ୍ରୀଷ୍ଟଙ୍କୁ ଦେଉଅଛି, ଯେ ଆମେମାନେ ଯେଉଁ ଆଶୀର୍ବାଦ ମାଗିଅଛୁ ତାହା ତୁମ ଉପରେ ବର୍ତ୍ତୁ। ମୋର ସାନ ଭାଇ, ତୁମେ ସୁସ୍ଥ ଏବଂ ଶକ୍ତିଶାଳୀ ହୁଅ, ଏବଂ ତୁମେ ପରମେଶ୍ୱରଙ୍କୁ ମହିମା ଦେବା ପାଇଁ ଜୀବିତ ରୁହ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆମେ ଏହାକୁ ମାଗୁଅଛୁ। ଆମେନ୍।

ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ବହୁତ ସୁନ୍ଦର ଶିଶୁଟିଏ।

ଯେଉଁଠାରେ ଆମେ କଦାପି ବୃଦ୍ଧ ହେବା ନାହିଁ, କଦାପି ବୃଦ୍ଧ ହେବା

ନାହିଁ,
ଯେଉଁ ଦେଶରେ ଆମେ କେବେବି ବୃଦ୍ଧ ହେବା ନାହିଁ;
କଦାପି ବୃଦ୍ଧ ହେବା ନାହିଁ, କଦାପି ବୃଦ୍ଧ ହେବା ନାହିଁ,
ଯେଉଁ ଦେଶରେ ଆମେ କଦାପି ବୃଦ୍ଧ ହେବା ନାହିଁ।

24 କଅଣ ଏହା ଆଶ୍ଚର୍ଯ୍ୟଜନକ ହେବ ନାହିଁ କି? ଯୁବାମାନେ ବୟସ୍କ ହେବେ, ଏବଂ ବୃଦ୍ଧମାନେ ଯୁବା ହୋଇଯିବେ। ତେବେ, କଅଣ ତାହା ଆଶ୍ଚର୍ଯ୍ୟଜନକ ନୁହେଁ କି? ଏବଂ ଆମେମାନେ କଦାପି ଅସୁସ୍ଥ ହେବା ନାହିଁ, କିମ୍ବା କେବେବି ଦୁଃଖ ରହିବ ନାହିଁ, କିମ୍ବା କେବେବି ମରିବା ନାହିଁ।

25 ତେବେ, ସେହି ସେବାଗୁଡିକ, ଭାଇ ନେଭିଲ୍ ଘୋଷଣା କରିଛନ୍ତି। ମୁଁ ମଧ୍ୟ, ବର୍ତ୍ତମାନ ଘୋଷଣା କରିବାକୁ ଚାହୁଁଛି, ଯେ ସେହି ସଭା, ଏହାକୁ ଭୁଲିବେ ନାହିଁ, ଏବଂ ସେହି ସଭାଗୁଡ଼ିକ ଯାହା ବିଷୟରେ ସେ କହିଛନ୍ତି। ଆହୁରି ମଧ୍ୟ, ଜଣେ ଶ୍ରୀମତୀ ଫୋର୍ଡ ଯିଏକି ବହୁତ ବର୍ଷ ପୂର୍ବେ ମଣ୍ଡଳୀକୁ ଆସୁଥିଲେ, ଅଳ୍ପ କିଛି ଦିନ ପୂର୍ବରୁ, ମୁଁ ତାଙ୍କୁ ତାଙ୍କର ଝିଅ ପାଖକୁ ନେଇ ଯାଇଥିଲି, ଏବଂ ସେ ଅଶୀ ବର୍ଷ ବୟସର ଅଟନ୍ତି, ଏବଂ ମୁଁ ଭାବୁଛି, ଗତକାଲି ରାତି ଆଠଟା ବେଳେ ପ୍ରଭୁଙ୍କ କୋଳକୁ ଚାଲି ଗଲେ। ଏବଂ ତାଙ୍କର ଅନ୍ତିମ ସଂସ୍କାର ସେବା, ପାଳକ ଏବଂ ମୁଁ କୁତ୍ସ୍ୱଠାରେ ଗୀର୍ଜାଘରେ କରିବୁ' ବୁଧବାର ଦିନ, ଦଶଟାରେ—ଦଶଟା-ତିରିଶରେ, ଏହି ଆସନ୍ତା ବୁଧବାର ଦିନ। ଶ୍ରୀମତୀ ଫୋର୍ଡ, ଶ୍ରୀମତୀ…ମୁଁ ଭାବୁଛି ଯେ ମୁଁ ଭୁଲି ଯାଇଛି ଯେ ତାଙ୍କର କଅଣ…ଲେୱି, ଶ୍ରୀମତୀ ଲେୱି ଫୋର୍ଡ। ଆମର…ତାହା ହେଉଛନ୍ତି—ତାହା ହେଉଛନ୍ତି ଲଏଡ ଫୋର୍ଡର ମାତା ଯାହାକୁ ଆପଣମାନେ ମୋ ବହିରେ ଦେଖନ୍ତି, ଯେ ସେ ମୋ ପାଇଁ ସେହି ବାଳକ ସ୍କାଉଟ୍ ସୁଟ୍ ରଖିବାକୁ ଯାଉଥିଲେ, ଏବଂ ମୋ ପାଖରେ କେବଳ ଗୋଟିଏ ଗୋଡର ବସ୍ତ୍ର ରହିଥିଲା। ତେବେ, ତାହା ହେଉଛନ୍ତି—ତାହା ହେଉଛନ୍ତି ସେହି ପିଲାର ମାତା। ତେଣୁ ଅନ୍ୟ ଦିନ ମୁଁ ତାଙ୍କୁ ନେଇକରି ଗଲି ଏବଂ ତାଙ୍କ ସହିତ ପ୍ରାର୍ଥନା କଲି, ସେହି ବେଚାରା ବୃଦ୍ଧା ଜଣକ। ଏବଂ ସେ ପ୍ରଭୁ ଯୀଶୁଙ୍କୁ ଭେଟିବାକୁ ଚାଲିଗଲେ।

26 ତେବେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ମୋ ପାଖରେ ଏଠାରେ କିଛି ବିଷୟମାନ ଅଛି ଯାହା ମୁଁ ଘୋଷଣା କରିପାରେ ଯେ ଏହି ସେବାଗୁଡିକ, ଯଦି ସେଗୁଡିକ ଏହି ଆସନ୍ତା ସପ୍ତାହ ପାଇଁ ଆସେ, ଯଦି ମୁଁ ସେଗୁଡିକୁ ଏଠାରେ ରଖିଅଛି, କିମ୍ବା ଅନ୍ତତଃ ମୁଁ ଭାବୁଥିଲି ଯେ ମୁଁ ସେହି ବିଷୟଗୁଡିକୁ ରଖିଅଛି, ଯାହା ବିଷୟରେ ମୁଁ ଆଗାମୀ ସପ୍ତାହର ଏହି ଆସୁଥିବା, ସେହି—ସେହି—ସେହି ଆଗାମୀ ସେବାରେ କହିବାକୁ ଯାଉଅଛି। ଯଦି ମୁଁ—ମୁଁ ଭାବେ…ମୁଁ ଭାବିଲି ଯେ ମୁଁ ଏହାକୁ ଏହି ପୁସ୍ତକରେ ରଖିଛି, ମୁଁ ଜାଣେ ନାହିଁ ଯେ ମୁଁ ତାହା ରଖିଛି କି ନାହିଁ। ହଁ, ତାହା ଏଠାରେ ଅଛି। ପ୍ରଭୁ ଇଚ୍ଛା କଲେ, ଶନିବାର ରାତିରେ ମୁଁ ଏହି ପ୍ରସଙ୍ଗ *ଜଣେ ବ୍ୟକ୍ତି କାହିଁକି ଅନ୍ୟର ଜୀବନକୁ ପ୍ରଭାବିତ କରେ* ବିଷୟରେ ପ୍ରଚାର କରିବାକୁ ଚାହେଁ। ଏବଂ ରବିବାର ସକାଳେ ମୁଁ ଏହି ପ୍ରସଙ୍ଗ *ସେହି ପିରାମିଡର ମସ୍ତକାଭିଷେକ* ଉପରେ ପ୍ରଚାର କରିବାକୁ

ଚାହେଁ । ଏବଂ ରବିବାର ରାତିରେ ମୁଁ ସେହି ବିଷୟ *ମୋର ମାର୍ଗଦର୍ଶକ,* ଉପରେ, *ମୋର ମାର୍ଗଦର୍ଶକ,* ଏହି ଆଗାମୀ ରବିବାର ରାତିରେ ପ୍ରଚାର କରିବାକୁ ଚାହେଁ । ତେବେ ପ୍ରଭୁ ସେହି ବିଷୟଗୁଡିକୁ ଆଶୀର୍ବାଦ କରନ୍ତୁ ଏବଂ ମୋତେ ସାହାଯ୍ୟ କରନ୍ତୁ, ଯେତେବେଳେକି ମୁଁ ବାହାରେ ରହିଅଛି, ଏବଂ ସେଗୁଡ଼ିକୁ ନେବା ପାଇଁ ଟିକିଏ ପ୍ରସଙ୍ଗ ପ୍ରଦାନ କରନ୍ତୁ ।

27 ବର୍ତ୍ତମାନ ଆଜି ରାତି, ଆମେ ଶୀଘ୍ର କରିବାକୁ ଚାହୁଁ ଏବଂ କିଛି ବିଷୟ ନେବାକୁ ଚାହୁଁ। ଯାହା ବି ହେଉ, ମୋ ପାଖରେ ଏଠାରେ ଗୋଟିଏ ଚିଠି ଅଛି ଯାହାକି—ଯାହାକି ଠିକ ମେଲରେ ଆସିଥିଲା, ଯେପରିକି ବିଲି ଏହାକୁ ଅଳ୍ପ କିଛି ସମୟ ପୂର୍ବରୁ ନେଇଥିଲା, ଯେ କେତେକ ଭାଇମାନେ ମିଚିଗାନ୍‌ରେ ଅଛନ୍ତି, ଏବଂ ଏହା ସେହି ସେବକଗଣ ସଙ୍ଗଠନରୁ ଆସିଅଛି ଯାହାଙ୍କ ପାଖରେ ଅନେକ କିଛି ବିଷୟମାନ ରହିଅଛି । ତାହାହିଁ ଅଟେ ଯାହାକି ବିଷୟଗୁଡିକୁ ସନ୍ଦେହାସ୍ପଦ କରି ଦେଇଥାଏ, ଆପଣ ଦେଖନ୍ତୁ । ତାହା, ସେମାନେ ଏଠାରେ ଏହା ଦାବି କରନ୍ତି ଯେ ସେଠାରେ ଥିବା କେତେକ ଭାଇମାନେ କହିଲେ ଯେ ମୁଁ ସେମାନଙ୍କୁ ସେଠାକୁ ପଠାଇଅଛି, ଏବଂ ସେମାନେ ପ୍ରଚାର କରୁଛନ୍ତି ଯେ ପୁରୁଷମାନେ ନିଜ ପତ୍ନୀଙ୍କୁ ଛାଡି ଦେଇ ସେମାନଙ୍କର ଆତ୍ମିକ ସାଥୀକୁ ଖୋଜିବା ଉଚିତ୍, ଏବଂ ଏହା—ଏହା ଯେ ମୁଁ ସମ୍ପୂର୍ଣ୍ଣ ରୂପେ ଅମୋଘ ଅଟେ । ଯେ ସେଠାରେ ଏପରି କିଛି ନାହିଁ...ଏବଂ, ଓଃ, ଆପଣ କଦାଚ ଶୁଣିଥିବା କେତେକ ଭୟଙ୍କର ବିଷୟମାନ । ଏବଂ ସେହି ସେବକ ସଙ୍ଗଠନ ଏହାକୁ ନେଇଥିଲେ, ଏବଂ ସେମାନେ ମୋତେ ଏହା ବିଷୟରେ ଏକ ଚିଠି ଲେଖୁଛନ୍ତି, ଏବଂ ଏହା ଯେ ମୁଁ ସେମାନଙ୍କୁ ସେଠାକୁ ପଠାଇଅଛି ଏବଂ ଏହା ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରୁଅଛି । ଏବଂ ସେମାନଙ୍କ ମଧ୍ୟରୁ କେତେକ ତ ଭବିଷ୍ୟଦ୍‌ବାଣୀ କରି କହୁଛନ୍ତି ଯେ ଜଣେ ପୁରୁଷକୁ *ଏହି* ପତ୍ନୀଙ୍କୁ ଛାଡି *ସେହି* ଜଣକାକୁ ବିବାହ କରିବା ଉଚିତ୍ । ବର୍ତ୍ତମାନ, ଏହି ମଣ୍ଡଳୀ ଜାଣନ୍ତି ଯେ ଆମେ ସେହିପରି କୌଣସି ମନ୍ଦ ବିଷୟର ସପକ୍ଷରେ ଛିଡା ହେଉ ନାହୁଁ ।

28 ଆମେ ବାଇବଲରେ ବିଶ୍ୱାସ କରୁ । ଆମେ ବିଶ୍ୱାସ କରୁ ଯେ ଯେତେବେଳେ ଜଣେ ପୁରୁଷ ଜଣେ ସ୍ତ୍ରୀକୁ ଗ୍ରହଣ କରନ୍ତି, ତାହା ତାଙ୍କର ପତ୍ନୀ ଅଟେ, ଏବଂ କେବଳ ମୃତ୍ୟୁ ହିଁ ସେମାନଙ୍କୁ ପୃଥକ କରିପାରେ । ତାହାହିଁ ଏକମାତ୍ର ବିଷୟ । ଆମେ ସେହିପରି ଅନ୍ୟ କୌଣସି ବିଷୟକୁ ବିଶ୍ୱାସ କରୁନାହୁଁ । ଆମେମାନେ ସ୍ୱଚ୍ଛନ୍ଦ ପ୍ରେମରେ ମଧ୍ୟ, ବିଶ୍ୱାସ କରୁନାହୁଁ । ଆମେ ସେହି ବିଷୟକୁ ବିଶ୍ୱାସ କରୁନାହୁଁ । ଆମେ ସମ୍ପୂର୍ଣ୍ଣ ଭାବରେ ବାଇବଲକୁ, ଏବଂ କେବଳ ତାହାକୁ ବିଶ୍ୱାସ କରୁ । ତେଣୁ ମୁଁ କେବଳ ଏହାର ଏକ ପ୍ରତିଲିପି ରଖିବି, ଏହି ଚିଠିର ଏକ ନକଲ କରିବି, ଏବଂ ଏହାର ପ୍ରତ୍ୟୁତ୍ତରରେ ମୋର ଉତ୍ତର ଦେବି ଏବଂ ଏହାକୁ ପତ୍ରିକାରେ ଉପସ୍ଥାପିତ କରିବି, ଏବଂ ତାହା—ତାହା ଏହାର ଯତ୍ନ ନେବ । ମୁଁ ଆଶା କରେ ଯେ ଏହା କରିବ, ଯେକୌଣସି ପ୍ରକାରେ ବି, ସେମାନଙ୍କୁ ଉତ୍ତର ଦେବ ।

29 ତେବେ ଆଜି ରାତି, ଏହା ପୂର୍ବେକି ଆମେମାନେ ଶାସ୍ତ୍ର ଖୋଲୁ, ଆସନ୍ତୁ ଆମେମାନେ ପ୍ରଭୁଙ୍କ ସହିତ କଥା ହେବା ।

30 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ପ୍ରଭୁ ଯୀଶୁଙ୍କ ନାମରେ, ଆମେ ତୁମର ଦୟାର ସିଂହାସନ ନିକଟକୁ ଆସୁଅଛୁ, ସେହି ମହାନ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଭଣ୍ଡାରର ଧନକୁ ଆମମାନଙ୍କ ନିକଟରେ ଉନ୍ମୋଚନ କରିବାକୁ ମହିମାରୁ ଓହ୍ଲାଇ ଆସିଥିଲେ । ଆମେ କିପରି ଏହି ମହାନ ଯୀଶୁଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ ଯିଏକି ବ୍ୟକ୍ତିଗତ ଭାବରେ ଆମ ପାଇଁ, ପରମେଶ୍ୱରଙ୍କ ପ୍ରକଟୀକରଣ ହୋଇଥିଲେ, ଏବଂ ତାହାଙ୍କ ମାଧ୍ୟମରେ ଆମେମାନେ ଆମର ପାପଗୁଡିକରୁ ମୁକ୍ତି ପାଇଅଛୁ । ଏବଂ ବର୍ତ୍ତମାନ ଆମେମାନେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରି ଯାଇଛୁ, କାରଣ ଆମେମାନେ ତାହାଙ୍କୁ ବିଶ୍ୱାସ କରୁ । ଯେହେତୁ ଏହା ତାହାଙ୍କ ବିଷୟରେ ଲେଖା ଅଛି, ଯେ ସେ କହିଛନ୍ତି, "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ଏବଂ ସେ ବିଚାରକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।"

31 ପ୍ରଭୁ, ଆଜିରାତି, ତୁମର ବାକ୍ୟକୁ ଆଶୀର୍ବାଦ କର । ଏବଂ ଅଳ୍ପ ସମୟ ମଧ୍ୟରେ ଆମେମାନେ ପ୍ରଭୁଭୋଜ ନେବା ପାଇଁ ଏଠାରେ ରହିଛୁ । ରାଜ୍ୟର ସହନାଗରୀକ, ଖ୍ରୀଷ୍ଟିଆନମାନେ ଯଜ୍ଞବେଦିର ଚାରିଆଡେ ଏକତ୍ରିତ ହେବେ, ଏବଂ ସେଠାରେ ସେମାନେ ତାହା ଗ୍ରହଣ କରିବେ ଯାହାକୁ ଆମେ "ପ୍ରଭୁଭୋଜ" ବୋଲି କହିଥାଉ, ଧର୍ମବିଧିର—ର ସେହି—ସେହି ଛୋଟ ଅଂଶ ଯାହା ତୁମେ ଆମ ପାଇଁ ଛାଡି ଯାଇଅଛ, ଏହା ଦେଖାଇବା ହେତୁ ଯେ ଆମେ ଏହା ବିଶ୍ୱାସ କରୁ ଯେ ତୁମେ ଆମର ପାପଗୁଡିକ ପାଇଁ ମୃତ୍ୟୁବରଣ କଲ, ଏବଂ ତୃତୀୟ ଦିନରେ ପୁନର୍ବାର ଉତ୍ଥିତ ହେଲ, ଏବଂ ଚିରଦିନ ପାଇଁ ଜୀବିତ ଅଛ, ଏବଂ ଶାସ୍ତ୍ର ଅନୁସାରେ ଯାହା ଆମକୁ ଆଜ୍ଞା ଦିଆଯାଇଅଛି, ଯେ ତୁମେ ଫେରି ନ ଆସିବା ପର୍ଯ୍ୟନ୍ତ ଏହା କରୁଥାଅ । ମନ୍ଦ ଚିନ୍ତାଧାରାରୁ ଏବଂ ଯାହାସବୁ ବିଷୟ ଆମେ ତୁମର ମହାନ ଇଚ୍ଛାର ବିରୁଦ୍ଧରେ କରିଅଛୁ ସେଥିରୁ ଆମ ହୃଦୟଗୁଡିକୁ ପବିତ୍ର କର । ପିତା, ଆମକୁ କ୍ଷମା କର, ଏବଂ ଆଜି ରାତି ଆମକୁ ତୁମର ଅନୁଗ୍ରହ ଦିଅ । ବର୍ତ୍ତମାନ ଆମମାନଙ୍କୁ ବାକ୍ୟରେ, ଜୀବନର ରୁଟି ଭାଙ୍ଗି ପ୍ରଦାନ କର, ଯେତେବେଳେକି ଆମେ ଏହାକୁ ପାଠ କରୁ ଓ ଏହା ଉପରେ କଥା କହୁ । ପ୍ରଭୁ ଯୀଶୁଙ୍କ ନାମରେ, ଆମେ ଏହାକୁ ମାଗୁଅଛୁ । ଆମେନ୍ ।

32 ତେବେ ପ୍ରକାଶିତ ବାକ୍ୟ ପୁସ୍ତକରେ, କେବଳ ଗୋଟିଏ ପଦରୁ ଆରମ୍ଭ କରି, ମୁଁ 20ତମ ପଦ ପାଠ କରିବାକୁ ଇଚ୍ଛା କରେ, କିମ୍ବା ସେହି 20ତମ ପର୍ବର 1ମ ପଦ ।

> *ପରେ ମୁଁ ଜଣେ ଦୂତଙ୍କୁ ସ୍ୱର୍ଗରୁ ଓହ୍ଲାଇ ଆସିବାର ଦେଖିଲି, ତାହାଙ୍କ ହସ୍ତରେ ପାତାଳକୁଣ୍ଡର ଚାବି ଓ ଗୋଟିଏ ବୃହତ ଶୃଙ୍ଖଳ ଥିଲା ।*

33 ତେବେ ମୁଁ କହିବାକୁ ଚାହେଁ, ଯଦି ଏହା ଠିକ ଲାଗେ, ଯଦି ମୁଁ ଏହି ଅଂଶରୁ ସେହି ପାଠକୁ କୁହେ, କିମ୍ବା ଏହି ପାଠରୁ ଏକ ପ୍ରସଙ୍ଗକୁ ନିଏ, ପରବର୍ତ୍ତୀ କୋଡିଏ କିମ୍ବା ପଚି-ଶ ମିନିଟ୍ ପାଇଁ, ତାହାହେଲେ ମୁଁ ଏହାକୁ ନାମ ଦେବାକୁ ଚାହିଁବି, *ସେହି ଦ୍ୱାରର ଚାବି ।* ତେବେ, ମୁଁ ଇଚ୍ଛା କରେ ନାହିଁ ଯେ ଏହାକୁ—କୁ "ଚାବିଗୁଡିକ" କରେ, କାରଣ ପିତରଙ୍କୁ "ରାଜ୍ୟର ଚାବିଗୁଡିକ"

ଦିଆଯାଇଥିଲା । ମାତ୍ର ମୁଁ ଏହାକୁ କହିବାକୁ ଚାହେଁ: *ସେହି ଦ୍ୱାରର ଚାବି ।* ଏବଂ ତତକ୍ଷଣାତ୍ ଏହା ପରେ, ମୁଁ ପ୍ରଭୁଭୋଜ ଉପରେ ଅଳ୍ପ କିଛି ମନ୍ତବ୍ୟ ଦେବାକୁ ଚାହେଁ, ଏହା ପୂର୍ବେକି ଆମେମାନେ ଆଜି ରାତି ଏହାକୁ ଗ୍ରହଣ କରୁ ।

34 ତେବେ, ଏକ ଚାବି । ମୁଁ ଏଠାରେ ଲକ୍ଷ୍ୟ କରେ ଯେତେବେଳେ ଆମେମାନେ ପାଠ କରୁ, ଯେ ଏହି ଦୂତ ସ୍ୱର୍ଗରୁ ଓହ୍ଲାଇ ଆସିବାବେଳେ, ତାହାଙ୍କ ହାତରେ ଚାବି ଥିଲା । ମୁଁ ବିଶ୍ୱାସ କରେ ଯେ ଏହା ପ୍ରକାଶିତ ବାକ୍ୟ 13 କିମ୍ବା 19 ଅଟେ, ଆମେମାନେ ପୁନର୍ବାର ପାଉ, ଯେ ଅନ୍ୟ ଏକ ଦୂତ ଗୋଟିଏ ଚାବି ସହିତ ଆସୁଛନ୍ତି । ଏବଂ ଏକ ଚାବି ହେଉଛି, ଏକ ଚାବିର ଉଦ୍ଦେଶ୍ୟ ହେଉଛି, ଯେ କିଛି ଗୋଟାଏ ବିଷୟକୁ ଖୋଲିବା, ଏପରି କିଛି ଯାହାକି ତାଲା ହୋଇଥାଏ, ଅବା ଏହା ଏପରି କିଛି ଯାହାକି ତାଲା ଲାଗିଥିବା ଉଚିତ୍ । ମାତ୍ର ଏକ ଚାବିକୁ ସେହି ଉଦ୍ଦେଶ୍ୟ ପାଇଁ ଦିଆ ଯାଇଥାଏ ।

35 ତେବେ, ସେଠାରେ ଅନେକ ପ୍ରକାରର ଚାବିଗୁଡିକ ଅଛି, କାରଣ ଆମର ଚାବିର ଅନେକ ବ୍ୟବହାର ରହିଛି । ଭଣ୍ଡାର ଘରଗୁଡ଼ିକର ଚାବିମାନ ରହିଥାଏ । ଆପଣଙ୍କ ନିଜ ଘରର ଚାବି ରହିଥାଏ, ଆପଣଙ୍କ ଗାଡିର ଚାବି ରହିଥାଏ । ଏବଂ ଆମେ ସେଗୁଡିକୁ ଚାବି ବୋଲି କହିଥାଉ, ଏବଂ ସେଗୁଡ଼ିକ ଚାବି ଅଟେ । ଏବଂ ସେଗୁଡିକୁ ଅନେକ ଥର, ନକଲ କରାଯାଇପାରେ । କିମ୍ବା ବେଳେବେଳେ ଘର ନିମନ୍ତେ, ତିଆରି କରାଯାଇପାରେ, ଯାହାକୁ ଆମେ କହିଥାଉ, ଛାଞ୍ଚ ଚାବି । ଅନ୍ୟ ଶବ୍ଦରେ, ଏହା ଏପରି ଏକ ଚାବି ଅଟେ ଯାହାକି ଏକ ପ୍ରକାର ଖାଞ୍ଚ ସହିତ ତିଆରି ହୋଇଥାଏ, ଏହା ତାହା ଉପରେ କାର୍ଯ୍ୟ କରିଥାଏ, ଯାହାକି—ଯାହାକି ସେହି ତାଲାକୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ମୋଡ଼ିଥାଏ ଏବଂ ପ୍ରାୟଃ ଯେକୌଣସି ଦ୍ୱାରକୁ ଖୋଲି ଦେଇପାରେ, ଯାହାକୁ "ଛାଞ୍ଚ ଚାବି" ବୋଲି କୁହାଯାଏ । ଏହା ଅନେକଗୁଡିଏ ଚାବିର ଏକ ନମୁନା ଛାଞ୍ଚ ଅଟେ, ଏବଂ ଏହାକୁ ଆମ ଘର ସହିତ କିମ୍ବା ଏପରିକି ଆମର ଗାଡିଗୁଡିକ ସହିତ, ସେହିପରି ଭାବରେ ଖୋଲା ଯାଇପାରେ, ନକଲ କରାଯାଇପାରେ । ଏବଂ ତାହାପରେ ସେଠାରେ ଥାଏ…

36 କୌଣସି ବି ଚାବି ସେପର୍ଯ୍ୟନ୍ତ କୌଣସି ଦ୍ୱାରକୁ ଖୋଲିପାରେ ନାହିଁ ଯେପର୍ଯ୍ୟନ୍ତକି ଏହାକୁ ଏକ ହାତ ଦ୍ୱାରା ବ୍ୟବହାର ନ କରାଯାଏ । ସେହି ଚାବିକୁ ବ୍ୟବହାର କରିବା ନିମନ୍ତେ କିଛି ଗୋଟାଏ ରହିବାକୁ ଅଛି । ଚାବି ତାର ନିଜେ ନିଜେ ବ୍ୟବହାର ହୋଇପାରେ ନାହିଁ । ସେହି ଚାବିକୁ ବ୍ୟବହାରଯୋଗ୍ୟ କରିବା ନିମନ୍ତେ କିଛି ଗୋଟାଏ ବିଷୟ ରହିବାକୁ ଅଛି ।

37 ଏହା ଏହି ମାଇକ୍ରୋଫୋନ୍ ପରି ଅଟେ ଯାହା ଦେଇ—ଯାହା ଦେଇ ମୁଁ କହୁଅଛି । ସେହି ମାଇକ୍ରୋଫୋନ୍ ତ ମୂକ ଅଟେ । ଯେପର୍ଯ୍ୟନ୍ତ ଏହା ଦେଇ କିଛି ଗୋଟାଏ ବିଷୟ କହିବା ପାଇଁ ନାହିଁ, ଏହା ନିଜେ ନିଜେ କହିପାରେ ନାହିଁ । ଏହା ଦେଇ କହିବା ପାଇଁ କିଛି ଗୋଟାଏ ବିଷୟ ରହିବାକୁ ଅଛି । ତେଣୁ, ଏହା ମାଇକ୍ରୋଫୋନ୍ ନୁହେଁ, ଏହା ତ ସେହି ସ୍ୱର କିମ୍ବା ସେହି—ସେହି ଶବ୍ଦ (ପଛରେ) ଅଟେ ଯାହାକି ମାଇକ୍ରୋଫୋନ୍ ସେହି—ସେହି ବାୟୁ ତରଙ୍ଗକୁ ସମ୍ପ୍ରସାରଣ

କରି, ଆପଣଙ୍କର କାନ ପାଖକୁ ପଠାଇଥାଏ ।

38 ତେବେ, ତାହା ସେହି ପ୍ରକାରେ ହିଁ ସୁସମାଚାର ପ୍ରଚାର କରାଯିବାରେ ଅଟେ । ଏହା ଆମେ ନିଜେ, ସେବକ ଭାବରେ ନୋହୁଁ, ଆମେ ସୁସମାଚାର ନୋହୁଁ । ମାତ୍ର ଆମେମାନେ ତ କେବଳ ସମ୍ପ୍ରସାରଣ ଯନ୍ତ୍ର ଅଟୁ ଯିଏକି ପରମେଶ୍ୱରଙ୍କ ସ୍ୱରକୁ ମନୁଷ୍ୟମାନଙ୍କର, ଆମର ମାଧ୍ୟମ ଦେଇ, ଶ୍ରୋତାଙ୍କ ନିକଟକୁ ପଠାଇଥାଏ ।

39 ଗୋଟିଏ ଦର୍ଶନ ମଧ୍ୟ ସେହି ସମାନ ପ୍ରକାର ଅଟେ । ମଣ୍ଡଳୀ ନିକଟରେ ଗୋଟିଏ ଦର୍ଶନ ବିଷୟରେ କହିବା ପାଇଁ ଏହି ସମୟରେ ମୁଁ କିଛି ହେଲେ ଜାଣେ ନାହିଁ । ମାତ୍ର ଯଦି ପବିତ୍ରଆତ୍ମା, ପ୍ରଥମେ, ମୋତେ ଏକ ଦର୍ଶନ ଦେଖାନ୍ତି, ତାହାହେଲେ ମୁଁ ସେହି ଦର୍ଶନକୁ ସେହି ବ୍ୟକ୍ତିଙ୍କ ନିକଟକୁ ସମ୍ପ୍ରସାରିତ କରି ଦେବି ଯାହାଙ୍କ ପ୍ରତି ଏହା ନିର୍ଦ୍ଦେଶିତ ଅଟେ । ତେଣୁକରି ଏହା ମୋର, ମୁଁ ନୁହେଁ, ସେହି ଦର୍ଶନଟି ମୁଁ, ମୁଁ ନ ଥିଲି । ଏହା ତ ପରମେଶ୍ୱର ଦର୍ଶନ ଦେଇଥିଲେ, ଏବଂ ମୁଁ ସମ୍ପ୍ରସାରଣ ଯନ୍ତ୍ର ଭାବରେ କାର୍ଯ୍ୟ କଲି, ଯେପରିକି ଦର୍ଶନର ବାର୍ତ୍ତା ଲୋକମାନଙ୍କ ନିକଟକୁ ପହଞ୍ଚାଏ ।

40 ତେବେ, ଗୋଟିଏ ଚାବି ସେହି ସମାନ ବିଷୟ ଅଟେ । ମୋତେ କ୍ଷମା କରିବେ । ସେହି ଚାବିଟି କେବଳ ସେହି ହାତରେ ଧରାଯିବାକୁ ଅଛି ଯିଏକି ସେହି କବାଟକୁ ଖୋଲିବ । ଦେଖନ୍ତୁ, ଏହା ତ ହାତ ହେବାକୁ ଅଛି । ତେବେ, ଏବଂ ସେହି ଚାବି ଯାହା ବିଷୟରେ ମୁଁ ଆଜି ରାତି କହିବାକୁ ଯାଉଛି, କେବଳ ଗୋଟିଏ ହାତ ଅଛି ଯିଏକି ଏହି ଚାବିକୁ ଧରିପାରେ, ଏବଂ ତାହା ହେଉଛି ବିଶ୍ୱାସର ହାତ । ଏହାହିଁ ହେଉଛି ଏକମାତ୍ର ଜିନିଷ ଯାହାକି ଏହି ଚାବିକୁ ଧରିପାରେ—ପାରେ । ଏବଂ ହାତମାନ ଅନ୍ୟ ଚାବିଗୁଡିକୁ ଧରିଥାନ୍ତି, ଏବଂ ଏହା ବିଶ୍ୱାସର ଏକ ହାତକୁ ଆବଶ୍ୟକ କରିଥାଏ ।

41 ତେବେ, ଆମେ ନେଇଥାଉ ଯେପରିକି ଜ୍ଞାନର ଚାବି । ତେବେ, ଜଣେ ବ୍ୟକ୍ତିଙ୍କୁ, ଯଦି ସେ ଜ୍ଞାନ ଅର୍ଜନ କରିବାକୁ ଚେଷ୍ଟା କରୁଛନ୍ତି, ଦେଖନ୍ତୁ, ବର୍ତ୍ତମାନ, ତାହାର ଏକ ଚାବି ଅଛି । ସେଠାରେ ଏକ ନିର୍ଦ୍ଦିଷ୍ଟ ଉପାୟ ଅଛି ଯେ ଏହି ବ୍ୟକ୍ତିଙ୍କୁ ଖୋଲିବାକୁ ଥାଏ । ତାଙ୍କୁ ହେବାକୁ ଅଛି…ତାଙ୍କର ପୁସ୍ତକ ନେବାକୁ ଅଛି ଏବଂ ଶିକ୍ଷଣ ପାଇବାକୁ ଅଛି, ଏବଂ ସେ ପାରନ୍ତି ନାହିଁ… କେହି ତାଙ୍କୁ ଶିଖାଇପାରନ୍ତି ନାହିଁ । ସେମାନେ ହୁଏତ ତାଙ୍କୁ ଶିକ୍ଷା ଦେଇପାରନ୍ତି, ମାତ୍ର ଶିଖିବା ତ ତାଙ୍କୁ ହିଁ କରିବାକୁ ଅଛି । ଏବଂ ଏକମାତ୍ର ଉପାୟ ଯେ ତାହା କରାଯାଇପାରେ, ତାଙ୍କୁ ସେହି ଚାବି ଧରିବାକୁ ଅଛି, ଯେ ସେଠାରେ କିଛି ଗୋଟାଏ ବିଷୟ ଅଛି ଯାହାକି ଖୋଲିଥାଏ କିମ୍ବା ଉନ୍-…ତାଙ୍କ ନିକଟରେ ସେହି ଜ୍ଞାନକୁ ପ୍ରକାଶିତ କରିଥାଏ ଯାହା ସେ ଖୋଜୁଥାନ୍ତି ।

42 ଏବଂ ସେଠାରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେକି ଏକ ପିଆନୋ, ଏବଂ ସେମାନେ…କିମ୍ବା ସଙ୍ଗୀତ ବଜାଇବାକୁ ଚେଷ୍ଟା କରିଥାନ୍ତି । ସେମାନେ ଏହା କିପରି କରନ୍ତି ତାହା ସେମାନେ ଜାଣି ନ ଥାଆନ୍ତି, ମାତ୍ର ସେମାନେ ସେଠାକୁ ଯାଇପାରନ୍ତି ଏବଂ ଶିକ୍ଷକ ହୁଏତ ପାଠ ପରେ ପାଠ ଶିକ୍ଷା ଦେଇପାରନ୍ତି, ଏବଂ ସେମାନେ ଏହାକୁ କେବେବି ଶିଖନ୍ତି ନାହିଁ ।

ସେମାନେ ସେହି ରହସ୍ୟ ପ୍ରତି ସେହି ଚାବିକୁ ଧରି ହିଁ ପାରନ୍ତି ନାହିଁ, ଯେ କିପରି ସେହି ସୁର ଏବଂ ସେହି ଧ୍ୱନିର ଶବ୍ଦ ଏବଂ ଅନ୍ୟାନ୍ୟ ସବୁ ବିଷୟ ବାହାରିଥାଏ । ଏହା ତ ସେହି ଚାବିକୁ ଆବଶ୍ୟକ କରେ ।

43 ଏବଂ ଗଣିତ, ସେହି ଗଣିତର ଏକ ଚାବି ଅଛି, ଯାହା ବିଷୟରେ ଆପଣଙ୍କୁ ତ କେବଳ ସେଥିର ସୁତ୍ରକୁ ବୁଝିବାକୁ ଅଛି । ମୁଁ ଲୋକମାନଙ୍କୁ ଦେଖିଛି ଯେଉଁମାନେ ଚାରି ଧାଡିର ସଂଖ୍ୟାକୁ ନେଇପାରନ୍ତି, ଏବଂ ସେମାନଙ୍କର ଆଙ୍ଗୁଳିକୁ, ସେମାନଙ୍କର ପ୍ରତ୍ୟେକ ଆଙ୍ଗୁଠିକୁ ସଂଖ୍ୟାର ଏକ ଧାଡି ଉପରେ ରଖିପାରନ୍ତି, ଏବଂ ଠିକ ସେହିପରି ଭାବରେ ହୁଏତ ପାଞ୍ଚ କିମ୍ବା ଛଅ ଅଙ୍କ ଗଭୀରତା ମଧ୍ୟକୁ ଯାଇପାରନ୍ତି, ଏବଂ ଉତ୍ତରକୁ ତଳେ ଲେଖି ଦେଇପାରନ୍ତି । ଏକା ଥରକେ ଚାରୋଟି ଧାଡିକୁ ନେବା, ଏକରୁ ନଅ ସଂଖ୍ୟା ପର୍ଯ୍ୟନ୍ତ ଯେକୌଣସି ସ୍ଥାନରେ ବି ନେଇ ତାର ଗଣନା କରିବା । ତେବେ, ମୋ ପାଇଁ ତ ଗୋଟିଏ ଧାଡିର ଅଙ୍କ ସୁଦ୍ଧା କଷିବା କଷ୍ଟକର ହୋଇଯାଏ, ଯେପର୍ଯ୍ୟନ୍ତକି ମୋ ପାଖରେ ତାହା ଗଣିବା ନିମନ୍ତେ ଯଥେଷ୍ଟ ହାତ ଆଙ୍ଗୁଠି ଏବଂ ପାଦ ଆଙ୍ଗୁଠି ରହେ ନାହିଁ, ଯେପରିକି ଗୋଟିଏ ଧାଡିର ଅଙ୍କକୁ—କୁ କଷିପାରେ । ମୁଁ ତ ସେହି ଚାବିକୁ କଦାପି ପାଇପାରିଲି ନାହିଁ । ମାତ୍ର, ଆପଣ ଦେଖନ୍ତୁ, ସେମାନଙ୍କ ମଧ୍ୟରୁ କେତେକଙ୍କର ପାଖରେ ସେହି ଚାବି ରହିଥାଏ, ସେମାନେ ଜାଣନ୍ତି ଯେ ଏହା କିପରି ବ୍ୟବହାର କରିବାକୁ ଅଛି ।

44 ଏବଂ ସେଠାରେ ଜ୍ଞାନର ଏକ ଚାବି ଅଛି, ଜ୍ଞାନ ଅନ୍ୱେଷଣ କରୁଥିବା ଜଣେ ବ୍ୟକ୍ତି । ସେଠାରେ ବିଜ୍ଞାନର, ବୈଜ୍ଞାନିକ ଅନୁସନ୍ଧାନର ଏକ ଚାବି ଅଛି । ତେବେ, ସେଠାରେ, ତାହା ଏକ ମହାନ ଚାବି ଅଟେ । ଲୋକମାନେ ସେହି ଚାବିକୁ ଖୋଜନ୍ତି ।

45 ଯେପରିକି ଏଠାରେ କିଛି ସମୟ ପୂର୍ବରୁ ସେମାନେ ଏକ ପରମାଣୁକୁ ପାଇଲେ, ଏବଂ ଜାଣିଲେ ଯେ ପରମାଣୁ ଅଛି, ଏବଂ ତାହାପରେ ପରମାଣୁଗୁଡ଼ିକ ମିଶି ଅଣୁ ଏବଂ ପ୍ରଭୃତିସବୁ ଗଠନ କରିଥାଏ । ବର୍ତ୍ତମାନ, ସେମାନେ ଖୋଜିବାକୁ ଲାଗିଲେ, କେହି ଜଣେ ବିଶ୍ୱାସ କଲେ ଯେ ଯଦି ସେହି ପରମାଣୁ ହିଁ ସବୁକିଛିକୁ ଏକାଠି ଧରି ରଖିଛି, ଯଦି ସେହି ପରମାଣୁକୁ ଘୁରାଇ ଦିଆଯାଇପାରେ, ତାହାହେଲେ ଏହା ସେହି ବିଷୟକୁ ନେବ ଯାହାକି ଏହାକୁ ଧରି ରଖିଛି ଏବଂ ଏହାକୁ ଭାଙ୍ଗି ଅଲଗା କରି ଦେବ । କାରଣ, ସମସ୍ତକିଛି ବିଷୟକୁ ପରମାଣୁ ଧରିଥାଏ, ଆମେ ତାହା ଜାଣୁ । ତେବେ, ସେହି ଖମ୍ବଟିକୁ ପରମାଣୁ ଧରି ରହିଛି । ଆପଣ ପରମାଣୁ ଦ୍ୱାରା ଏକାଠି ଧରାଯାଇଛନ୍ତି । ସେହି ଘାସ, ସେହି ଗଛ, ସମସ୍ତକିଛି ବିଷୟକୁ ପରମାଣୁ ଏକାଠି ଧରି ରହିଛି । ତେବେ, ଯଦି ସେହି ପରମାଣୁ, ସବୁକିଛିକୁ ଗୋଟିଏ ପଟକୁ ବୁଲାଇ ଦେଇ, ଯଦି ଏହାକୁ ଭାଙ୍ଗି ଦିଆଯାଇ ଘୁରା ଯାଇପାରେ, ତାହାହେଲେ ଏହା ବିନଷ୍ଟ ହୋଇଯିବ । ଏବଂ, ବର୍ତ୍ତମାନ, ମହାନ ବୈଜ୍ଞାନିକମାନେ ଏହା ବିଶ୍ୱାସ କରନ୍ତି ଯେ ତାହା କରା ଯାଇପାରିବ, ଏବଂ ସେମାନେ କାମ କଲେ ଏବଂ ସେମାନେ କାମ କଲେ, ଏବଂ ସେମାନେ ଘଣ୍ଟା ପରେ ଘଣ୍ଟା, ଏବଂ ସପ୍ତାହ ପରେ ସପ୍ତାହ, ବର୍ଷ ପରେ ବର୍ଷ ବସି ରହି କାମ କଲେ, ଯେପର୍ଯ୍ୟନ୍ତକି

ଅବଶେଷରେ ସେମାନେ ତାହା ଜୟପ୍ରାପ୍ତ ନ କରି ନେଲେ ।

46 ମୁଁ ବିଶ୍ୱାସ କରେ, ଯେ ଏହା, ଥୋମାସ୍ ଏଡିସନ୍ ଥିଲେ, ଯିଏକି ଆଲୋକ ବିଷୟରେ, ସେମାନେ କୁହନ୍ତି ଯେ ସେହି ବ୍ୟକ୍ତିଙ୍କ ପାଖରେ ଏକ ଜ୍ଞାନ ଥିଲା ଯେ ସେ ବିଦ୍ୟୁତ୍ ଆଲୋକ ଉତ୍ପାଦନ କରିପାରିବେ । ସେ ଆଲୋକ ବତ୍ତିର ଉଦ୍ଭାବକ ଅଟନ୍ତି । ଏବଂ ଏପରିକି ସେ ରାତିରେ ଶୋଇବାକୁ ମଧ୍ୟ ଯାଉ ନ ଥିଲେ । ସେ ନିଜ ହାତରେ ଏକ ସାଣ୍ଡୱିଚ୍ ନେଇ ତାକୁ ଭୋଜନ କରୁଥିଲେ, ଏବଂ ସେଠାରେ ବସି ଆକଳନ କରୁଥିଲେ ଓ କାମ କରୁଥିଲେ । ତାଙ୍କ ମନ ଭିତରେ କୌଣସିଠାରେ ଗଭୀରରେ, କିଛି ଗୋଟାଏ ବିଷୟ ତାଙ୍କୁ କହୁଥିଲା ଯେ ସେ ଏହା କରିପାରିବେ । ଏହା କଅଣ ଅଟେ? ଏହା ଏକ ଚାବି ଯାହାକି ମାର୍ଗକୁ ଖୋଲି ଦେଇପାରେ ।

47 ଅଳ୍ପ କେତେକ ବର୍ଷ ପୂର୍ବେ, ସେଠାରେ ଜଣେ—ଜଣେ ବ୍ୟକ୍ତି ଥିଲେ ଯିଏକି ସେ ବିଶ୍ୱାସ କରୁଥିଲେ ଯେ ତାଙ୍କଠାରେ ହାସ୍ୟରସ ବିଷୟ ଲେଖିବାର ଏକ ପ୍ରତିଭା ଅଛି । ସେ ବିଶ୍ୱାସ କରୁଥିଲେ ଯେ ସେ ତାଙ୍କ ହାତରେ ସେହି ଚାବିକୁ ଧରିଛନ୍ତି । ଏବଂ ସେ ଚାହୁଁଥିଲେ… ସେ ଗଲେ…ସେ କାନ୍ସାସ୍‌ରେ ରହୁଥିଲେ । ସେ କାନ୍ସାସ୍ ସହରର ସେହି ମହାନ ଖବରକାଗଜର ସମ୍ପାଦକଙ୍କ ନିକଟକୁ ଗଲେ, ଏବଂ ତାଙ୍କର କିଛି ଲେଖାଗୁଡିକୁ ନେଇଥିଲେ । ଏବଂ ସେହି ସମ୍ପାଦକ କହିଲେ, "ମହାଶୟ, ଆପଣଙ୍କ ପାଖରେ ତ ସେହି ବିଷୟ ନାହିଁ । ଆପଣଙ୍କର, ଚେଷ୍ଟା କରିବାର କୌଣସି ଲାଭ ନାହିଁ, ଆପଣ—ଆପଣ ଏହା କରିପାରିବେ ନାହିଁ ।" ମାତ୍ର ତାହା ତାଙ୍କୁ ସନ୍ତୁଷ୍ଟ କଲା ନାହିଁ । ସେ ଜାଣିଥିଲେ ଯେ ତାହା ତାଙ୍କ ପାଖରେ ଅଛି । ଏବଂ ସେ ଫେରିଯାଇ ପୁନର୍ବାର ଏବଂ ପୁନର୍ବାର, ଚେଷ୍ଟା କରିଥିଲେ, ମାତ୍ର ସେ (ସମ୍ପାଦକ) ତାଙ୍କୁ ପ୍ରତ୍ୟାଖ୍ୟାନ କରି ଦିଅନ୍ତି । ଅବଶେଷରେ, ସେ ଅନ୍ୟ ସ୍ଥାନଗୁଡିକୁ ଗଲେ, ଏବଂ ସେମାନେ ତାଙ୍କୁ ଏହା କହି, ପ୍ରତ୍ୟାଖ୍ୟାନ କରି ଦେଲେ, "ଶ୍ରୀମାନ, ଆପଣଙ୍କ ପାଖରେ ତ ତାହା ଆଦୌ ନାହିଁ । ଆପଣ ଏହା କରିପାରନ୍ତି ନାହିଁ ।" କିନ୍ତୁ ତଥାପି ସେ ବିଶ୍ୱାସ କରିଥିଲେ ଯେ ସେ ଏହା କରିପାରିବେ । ଏବଂ ତାହାହିଁ ସେହି ଉପାୟ ଅଟେ, ସେ ତାଙ୍କ ହାତରେ କିଛି ଗୋଟାଏ ପାଇଛନ୍ତି! ଶେଷରେ, ସେ କିଛି ଗୋଟାଏ ଛୋଟ ପଟକଥା ଲେଖିବାର କାମ ପାଇଲେ, ମୁଁ ବିଶ୍ୱାସ କରେ ଯେ, ଏକ ମଣ୍ଡଳୀ ନିମନ୍ତେ ସମ୍ପାଦକୀୟ କିମ୍ବା ସେପରି କିଛି ଗୋଟାଏ, ମଣ୍ଡଳୀ ପାଇଁ କିଛି ପ୍ରକାରର ଏକ ବ୍ୟଙ୍ଗ ବିଷୟ ଲେଖିବାକୁ ପାଇଲେ । ଏବଂ ସେ ନିଜ ପାଇଁ ଏକ ଛୋଟ ଏକ ଗ୍ୟାରେଜ୍ ଭଡା କଲେ ଯାହାକି ମୂଷା- କିମ୍ବା ମୂଷିକ-ସଂକ୍ରମିତ ଥିଲା, ଯେଉଁଠାରେକି ମୂଷାମାନେ ସେହି ସ୍ଥାନର ସବୁ ଆଡ଼େ ଓ ସବୁକିଛି ବିଷୟ ଉପରେ, ତାଙ୍କ କାଗଜପତ୍ର ଉପରେ ଦୌଡୁଥିଲେ, ଏବଂ ସେ ଏକ ନିର୍ଦ୍ଦିଷ୍ଟ ଛୋଟ ମୂଷାର ଏକ ବିଶେଷତାକୁ ଲକ୍ଷ୍ୟ କରିବାକୁ ଲାଗିଲେ । ସେଠାରେ ହିଁ ଅଟେ ଯେ ସେହି ମିକି ମାଉସର କାହାଣୀର ଜନ୍ମ ହୋଇଥିଲା । ବର୍ତ୍ତମାନ ଏହା ଏକ ଲକ୍ଷ ଲକ୍ଷ ଟଙ୍କାର ୱାଲ୍ଟ ଡିସ୍‌ନି ଅଟେ । କାହିଁକି? ତାଙ୍କ ହାତରେ କିଛି ଗୋଟାଏ ଥିଲା, ଏବଂ ସେ ଜାଣିଥିଲେ ଯେ ସେ ଏହାକୁ ପାଇଛନ୍ତି, ସେ ଜାଣିଥିଲେ ଯେ ସେ ଏହା କରିପାରିବେ । ଏବଂ ତାହା ସେହି ଉପାୟ ଅଟେ

ଯେ ପ୍ରତ୍ୟେକ ମହାନ ସଫଳତାକୁ ଅର୍ଜନ କରାଯାଏ । ଯେତେବେଳେ ପୁରୁଷ ଏବଂ ମହିଳାଙ୍କ ହାତରେ କିଛି ଗୋଟାଏ ବିଷୟ ରହିଥାଏ, ଯାହା ସେମାନେ ଜାଣନ୍ତି ଯେ ସେମାନେ ଏହା କରିପାରିବେ ।

48 ଯେତେବେଳେ ପୋଲିଓ ଦେଶକୁ ଆଘାତ କରିଥିଲା । ଯେପରିକି, ଆମ ସମସ୍ତଙ୍କୁ ଏହି ଟୀକାକୁ ନେବାର ଆଦେଶ ଦିଆଯାଇଛି, ଯେପରିକି ଏହାକୁ ସମୂଳେ ନାଶ କରାଯାଏ । ଯେତେବେଳେ ପୋଲିଓ ଆଘାତ କରେ...ଗତକାଲି ମୁଁ ରାସ୍ତାରେ ଗାଡି ଚଲାଉଥିବା ସମୟରେ ଜଣେ ଡାକ୍ତରଙ୍କ କଥା ଶୁଣୁଥିଲି, ଲୁଇସ୍‌ଭିଲେରୁ କୌଣସି ଡାକ୍ତର । ସେ କହୁଥିଲେ, "କିଛି ବର୍ଷ ପୂର୍ବେ, ଯେତେବେଳେ ସେହି ମହାମାରୀ ଲୁଇସ୍‌ଭିଲେକୁ ଆଘାତ କରିଥିଲା," କହିଲେ, "ଯଦି ଲୋକମାନେ ସେଠାରେ ଛିଡା ହୋଇଥାନ୍ତେ ଯେଉଁଠାରେ ମୁଁ ଛିଡା ହୋଇଥିଲି, ଏବଂ ଏକା ସମୟରେ ସତା-ବନଟି ନିଃଶ୍ୱାସକ୍ରିୟା ଯନ୍ତ୍ର ଚାଲୁଥିବାର ଦେଖିଥାନ୍ତେ, ଆଉ ପୁରୁଷମାନେ, ମହିଳା, ପୁଅ ଓ ଝିଅମାନେ, 'ପୋଲିଓ' ନାମକ ଏକ ରୋଗରେ ଆକ୍ରାନ୍ତ ହୋଇଥିଲେ, ଏବଂ ଏହା ବିଷୟରେ କିଛି ହେଲେ କରାଯାଇପାରି ନ ଥିଲା ।" କହିଲେ, "ମୁଁ ଆଉ ପୁନର୍ବାର କଦାପି ସେହିପରି ଜିନିଷ ଦେଖିବାକୁ ଚାହେଁ ନାହିଁ ।"

49 କିନ୍ତୁ ବିଜ୍ଞାନ ଭାବିଲା, "ଯଦି ସେଠାରେ ପୋଲିଓ ଭଳି ଏକ ମନ୍ଦ ବିଷୟ ଅଛି, ତେବେ ଏହାକୁ ପ୍ରତିରୋଧ କରିବା ପାଇଁ ନିଶ୍ଚିତ ଭାବରେ କିଛି ଗୋଟାଏ ବିଷୟ ଅଛି ।" ସେମାନେ ଲଢିଲେ, ସେମାନେ ରାସ୍ତାରେ ଜୋତା ସହିତ ଛିଡା ହେଲେ, ସେହି ଅଗ୍ନିଶମ କର୍ମଚାରୀମାନେ, ସେମାନେ ଟୋପି ବାହାର କଲେ, ଏବଂ ସେମାନେ ଭିକ୍ଷା ମାଗିଲେ, ସେମାନେ ବାଡେଇଲେ, ସେମାନେ ସବୁକିଛି କଲେ, ସ୍ୱାଧୀନତାର ଦ୍ୱାରକୁ ଖୋଲିବା ପାଇଁ ଚାବି ଖୋଜିବାକୁ ଚେଷ୍ଟା କଲେ । ଏବଂ, ଶେଷରେ, ସାଲ୍‌କ ନାମକ ଜଣେ ଖ୍ରୀଷ୍ଟିଆନ ଭଦ୍ରଲୋକ ଏହି ଟୀକାକୁ ଆବିଷ୍କାର କଲେ । କାହିଁକି? ସେଠାରେ ଏକ ମନ୍ଦ ବିଷୟର ପ୍ରଶ୍ନ ରହିଥିଲା, ସେଠାରେ ଏକ ହତ୍ୟାକାରୀର ପ୍ରଶ୍ନ ରହିଥିଲା; ସେଠାରେ କୌଣସି ସ୍ଥାନରେ ଏକ ଚାବି ଥିଲା ଯାହାକି ମଣିଷ ପାଇଁ ପୁନର୍ବାର ସ୍ୱାଧୀନତାକୁ ଖୋଲି ଦେଇପାରିବ, ଏବଂ ସାଲ୍‌କ ଟୀକା ସେହି ମହାନ ଚିକିତ୍ସା ଥିଲା । ଓଃ, ସେହି ଚାବି କଅଣ କରିପାରେ! ସେହି ଟୀକା ଅଣାଗଲା, ଏବଂ ବର୍ତ୍ତମାନ ଏହି ଟୀକା ସହିତ ପୋଲିଓକୁ ସମୂଳେ ନାଶ କରୁଅଛି, କାରଣ ଯେ ଏହା ଥିଲା ଏକ "କେବେବି କ୍ଳାନ୍ତ ନ ହେବା ଏବଂ କେବେବି ହାର ନ ମାନିବା," ସେହି ଚାବି କୌଣସି ସ୍ଥାନରେ ରଖାଯାଇଥିଲା । ସେଠାରେ ଏପରି କିଛି ବିଷୟ ଥିଲା ଯାହାକି ଏଥିରୁ ରୋଗ ପ୍ରତିଷେଧକ ଟୀକାକରଣ କରି ନେଇଥାନ୍ତା, ଏବଂ ସେମାନେ ଏହାକୁ ଖୋଜିବାକୁ ସ୍ଥିର କରିଥିଲେ ।

50 ଏବଂ ଯଦି ସେଠାରେ ପୋଲିଓ, ଡିପ୍‌ଥେରିଆ, ହାଡଫୁଟି, ହଳଦିଆ ଜ୍ୱର, ଟିଟାନସ୍, ଧନୁସ୍ତମ୍ଭ, ଏବଂ ପ୍ରଭୃତି ଭଳି ଏକ ମନ୍ଦ ବିଷୟ ଅଛି, ଯାହାକି ବିଜ୍ଞାନ, ଦିନ ଓ ରାତି, ଏହି ମନ୍ଦତାଗୁଡିକ ବିରୁଦ୍ଧରେ, ଲଢିବାରେ ସକ୍ଷମ ହୋଇଅଛି, ଯେପର୍ଯ୍ୟନ୍ତକି ସେମାନେ ଏଥିରୁ

ଏକ ରୋଗ ପ୍ରତିଷେଧକ ଟୀକା ନ ପାଇଗଲେ, କାରଣ ଏହା ମନ୍ଦ, ଏହା ଏକ ହତ୍ୟାକାରୀ ଅଟେ, ତାହାହେଲେ ସେଠାରେ ଜଣେ ମନୁଷ୍ୟ ପାଇଁ କେତେ ଅଧିକ ଏକ ପରିତ୍ରାଣର ଚାବି ରହିଅଛି ଯିଏକି ପାପର କାରାଗାରରେ ବନ୍ଦ ଅଟେ? ମନୁଷ୍ୟମାନଙ୍କୁ ଏଥିରୁ ମୁକ୍ତ କରିବା ପାଇଁ, ସେହି ଦ୍ୱାରର ଏକ ଚାବି ଅଛି।

51 ଏକ ଚାବି, ସାଧାରଣତଃ, ଯେତେବେଳେ ଏହା ତାଲାକୁ ଖୋଲିଥାଏ, ଏବଂ, ଯେତେବେଳେ ଆପଣ ଏକ ଚାବି ପାଆନ୍ତି, ଏହା କିଛି ଧନ ଭଣ୍ଡାର ରହିବା ଆବଶ୍ୟକ, ଏପରି କିଛି ଯାହାକି ମୂଲ୍ୟବାନ ଅଟେ, ନୋହିଲେ ଆପଣ ଏହାକୁ ତାଲା ସୁଦ୍ଧା ଲଗାଇବେ ନାହିଁ। ଯଦି ଏହା ତାଲା ଲଗାଇବା ହେତୁ ଯୋଗ୍ୟ ନୁହେଁ, ତେବେ ଏହାକୁ ଛାଡି ଦିଅନ୍ତୁ। ମାତ୍ର ଯେତେବେଳେ ଏହା ତାଲା ଲଗାଇବା ହେତୁ ଯୋଗ୍ୟ ଥାଏ! ତେଣୁକରି ଗୋଟିଏ ଚାବି ସାଧାରଣତଃ କିଛି ଗୋଟାଏ ବିଷୟର ସେହି—ସେହି ଲେଖା ଅଟେ, କିମ୍ବା ଏପରି କିଛି ମୂଲ୍ୟବାନ ଜିନିଷ ମଧ୍ୟକୁ ପ୍ରବେଶ କରିବାର ମାର୍ଗ ଅଟେ। ସେହି ଚାବି, ସେଇଥି ପାଇଁ ତ ତାହା ଅଟେ, ବର୍ତ୍ତମାନ, ଏହା ଏପରି କିଛି ଜିନିଷକୁ ଖୋଲି ଦେବ ଯାହା ମୂଲ୍ୟବାନ ଅଟେ।

52 ବର୍ତ୍ତମାନ ଆମେ ସାଧୁ ଯୋହନ, ତାର 10ମ ପର୍ବରେ ପାଠ କରୁ, ଯୀଶୁ କହିଥିଲେ, "ମୁଁ ମେଷପଲର ସେହି ଦ୍ୱାର ଅଟେ। ମୁଁ ସେହି ଦ୍ୱାର," *ଏକ ଦ୍ୱାର ନୁହେଁ,* "*ସେହି* ଦ୍ୱାର, ସେହି ଏକମାତ୍ର ଦ୍ୱାର। ମୁଁ ସେହି ପଥ, ସେହି ଏକମାତ୍ର ପଥ, ସେହି ସତ୍ୟ, ଏବଂ ସେହି ଜୀବନ ଅଟେ, ଏବଂ କୌଣସି ମନୁଷ୍ୟ ମୋ ବିନୁ ପିତାଙ୍କ ନିକଟକୁ ଆସେ ନାହିଁ। ମୁଁ ମେଷପଲର ସେହି ଦ୍ୱାର ଏବଂ ମୋ ସମ୍ମୁଖରେ ଆସୁଥିବା ସମସ୍ତେ ଶତ୍ରୁ, ଚୋର ଏବଂ ଡକାୟତ ଅଟନ୍ତି।" ସେ ମେଷପଲର ଦ୍ୱାର ଅଟନ୍ତି। ସେ ପରିତ୍ରାଣର ଦ୍ୱାର ଅଟନ୍ତି।

53 "ଆକାଶ ତଳେ ଯୀଶୁ ଖ୍ରୀଷ୍ଟଙ୍କ ନାମ ବିନା ଅନ୍ୟ କୌଣସି ନାମ ଦିଆଯାଇ ନାହିଁ, ଯାହା ଦ୍ୱାରା ଆପଣ ଉଦ୍ଧାର କରାଯିବେ।" କୌଣସି ମଣ୍ଡଳୀ, କୌଣସି ନାମଧାରୀ ସଂସ୍ଥା, କୌଣସି ଧର୍ମମତ, କୌଣସି ବିଷୟର କିଛି ହେଲେ ଶିକ୍ଷା ନାହିଁ; କେବଳ ଯୀଶୁଙ୍କ ନାମ ଦ୍ୱାରା। ତାହାହିଁ ସେହି—ତାହାହିଁ ସେହି ଚାବି ଅଟେ। କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ପେଣ୍ଟିକଷ୍ଟ ଦିନରେ ପିତର ସେଗୁଡିକ ମଧ୍ୟରୁ ଗୋଟିଏକୁ ବ୍ୟବହାର କରିପାରିଥିଲେ! ସେମାନେ ଜାଣିବାକୁ ଚାହିଁଥିଲେ ଯେ ସେହି ଦ୍ୱାର ଭିତରେ କିପରି ପ୍ରବେଶ କରିବାକୁ ଅଛି। ସେ ସେହି ଚାବିକୁ ବ୍ୟବହାର କରିଥିଲେ। ଏବଂ ସେଠାରେ କେବଳ ଗୋଟିଏ ଚାବି ଅଛି, କାରଣ ସେଠାରେ କେବଳ ଗୋଟିଏ ଦ୍ୱାର ଅଛି। "ମୁଁ ସେହି ଦ୍ୱାର।" ଏବଂ ପିତରଙ୍କର ପାଖରେ ଏହାର ଚାବି ଥିଲା। ଏବଂ ସେ କହିଲେ, "ତୁମେମାନେ ସମସ୍ତେ, ମନ ଫେରଣ କର, ଏବଂ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେମାନେ ପରମେଶ୍ୱରଙ୍କ ଧନଭଣ୍ଡାର ପ୍ରାପ୍ତ ହେବ।" ଏହା ସେହି ଦ୍ୱାରର ଚାବି ଅଟେ, ଏବଂ ଯୀଶୁ ହେଉଛନ୍ତି ସେହି ଦ୍ୱାର।

ଆରୋଗ୍ୟତା ପାଇଁ କେବଳ ଗୋଟିଏ ଦ୍ୱାର ଅଛି, ଏବଂ ଯୀଶୁ ହେଉଛନ୍ତି ସେହି ଦ୍ୱାର।

54 ଶାନ୍ତି ପାଇଁ କେବଳ ଗୋଟିଏ ଦ୍ୱାର ଅଛି । ହଁ । "ମୁଁ ତୁମକୁ ମୋର ଶାନ୍ତି ଦେଉଅଛି ।" ସେ ହିଁ ପ୍ରକୃତ ଶାନ୍ତି ପାଇଁ କେବଳ ଏକମାତ୍ର ଦ୍ୱାର । ଆପଣ ଭାବିପାରନ୍ତି ଯେ ଆପଣଙ୍କ ପାଖରେ ଶାନ୍ତି ଅଛି । ଆପଣ ନିଜର ଘର କିଣିବା ପାଇଁ ଯଥେଷ୍ଟ ଧନ ଜମା କରିପାରନ୍ତି, ଆପଣ ନିଜର ପିଲାମାନଙ୍କର ପୋଷାକ କିଣିବା ପାଇଁ ଯଥେଷ୍ଟ ଅର୍ଥ ଜମା କରିପାରନ୍ତି, ଭୋଜନ ପଦାର୍ଥ ପାଇଁ ଜମା କରିପାରନ୍ତି, ମାତ୍ର ଆପଣ ଲୋକମାନଙ୍କ ମଧ୍ୟରେ ଲୋକପ୍ରିୟ ହେବା ପାଇଁ ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିପାରନ୍ତି । ମାତ୍ର ଯେତେବେଳେ ଆପଣ ରାତିରେ ନିଜର ଜୋତା କାଢି ଶୋଇବାକୁ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି, ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହାକି ଆପଣଙ୍କୁ ଶାନ୍ତି ଦେଇପାରେ । ତାହା ହେଉଛି, ଯଦି ଆପଣ ଜାଣନ୍ତି ଯେ ଆପଣ ସେହି ରାତିରେ ମରୁଅଛନ୍ତି, ତେବେ ସେଠାରେ କେବଳ ଗୋଟିଏ ଶାନ୍ତି ଅଛି, ଏବଂ, ତାହା ହେଉଛି, ଯୀଶୁ ହେଉଛନ୍ତି ସେହି ଶାନ୍ତି । ସେ ଆମର ଶାନ୍ତି ଅଟନ୍ତି ।

55 ସେ ଆମର ଆରୋଗ୍ୟତା ଅଟନ୍ତି । "ଆମେ ହେଉଛି ସଦାପ୍ରଭୁ ତୁମର ପରମେଶ୍ୱର ଯିଏକି ତୁମର ସମସ୍ତ ରୋଗକୁ ସୁସ୍ଥ କରନ୍ତି ।"

56 ସେ ସ୍ୱର୍ଗର ସେହି ଦ୍ୱାର ଅଟନ୍ତି । ଏବଂ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ଦ୍ୱାର ନାହିଁ କିମ୍ବା ଅନ୍ୟ କୌଣସି ମାର୍ଗ ନାହିଁ । ସେ ହେଉଛନ୍ତି ସ୍ୱର୍ଗର ସେହି ଦ୍ୱାର ।

57 ଏବଂ ବର୍ତ୍ତମାନ ଯୀଶୁ ଏହି ସବୁ ଜିନିଷର ଦ୍ୱାର ଅଟନ୍ତି, ଏବଂ ବିଶ୍ୱାସ ହେଉଛି ସେହି ଚାବି ଯାହାକି ସେହି ଦ୍ୱାରକୁ ଖୋଲିବ । ତେବେ, ଯଦି ଯୀଶୁ ହିଁ ପରମେଶ୍ୱରଙ୍କ ଏହି ସମସ୍ତ ପ୍ରତିଜ୍ଞାଗୁଡ଼ିକର ଦ୍ୱାର ଅଟନ୍ତି, ତାହାହେଲେ ତାହାଙ୍କର ସମାପ୍ତ କାର୍ଯ୍ୟରେ ବିଶ୍ୱାସ ପରମେଶ୍ୱରଙ୍କ ରାଜ୍ୟ ଭିତରେ ଥିବା ପ୍ରତ୍ୟେକ ଧନର ପ୍ରତ୍ୟେକ ଦ୍ୱାରକୁ ଖୋଲିଦିଏ । ଏହାକୁ ବୁଝୁଛନ୍ତି କି? ଚାବି ହେଉଛି...ବିଶ୍ୱାସ ହେଉଛି ସେହି ଚାବି ଯାହାକି ସେ କରିଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ ଖୋଲି ଦେଇଥାଏ । ବିଶ୍ୱାସର ସେହି ଚାବି ତାହା କରିଥାଏ, ତାହାଙ୍କର ସମାପ୍ତ କାର୍ଯ୍ୟରେ ବିଶ୍ୱାସ । ଏହା ଏହି ଚାବିଗୁଡିକ ଅଟେ ଯାହା ବିଷୟରେ ଆମେମାନେ କହୁଅଛୁ ।

58 ତେବେ ଏବ୍ରୀ, ତାର 11ଶ ପର୍ବରେ, ମୋ ପାଖରେ ଏଠାରେ ଏହି ବିଶ୍ୱାସର ନେତାମାନଙ୍କ ବିଷୟରେ, ସେମାନଙ୍କର ଏକ ବଡ଼ ଶୃଙ୍ଖଳା ଲେଖା ହୋଇ ରହିଛି । ଏହା ତ ସେହି ଦ୍ୱାରର—ର, ଚାବି ଥିଲା, ଯାହାକି ସିଂହର ମୁଖକୁ ବନ୍ଦ କରି ଦେଇଥିଲା । ଏହା ତ ସେହି ଚାବି, ବିଶ୍ୱାସ ଥିଲା, ଯାହାକି କାରାଗୃହକୁ ଖୋଲି ଦେଇଥିଲା । ଏହା ତ ବିଶ୍ୱାସ, ବିଶ୍ୱାସର ସେହି ଚାବି ଥିଲା, ଯାହାକି ସେହି ଅଗ୍ନିର ଉତ୍ତାପକୁ କ୍ଷାନ୍ତ କରି ଦେଇଥିଲା, ଖଡ୍ଗର ଧାରରୁ ରକ୍ଷା କରିଥିଲା, ମୃତମାନଙ୍କୁ ପୁନର୍ବାର ଜୀବନ ମଧ୍ୟକୁ ଫେରାଇ ଆଣିଥିଲା । ଏହା ବିଶ୍ୱାସ ଥିଲା, ଜୀବନ୍ତ ପରମେଶ୍ୱରଙ୍କ ଉପରେ ବିଶ୍ୱାସର ସେହି ଚାବି ଥିଲା । ସେହି ହାତ, ସେହି ପୁରୁଷ, ସେହି ମହିଳା, ଯିଏକି ବିଶ୍ୱାସର ସେହି ଚାବିକୁ ନେଇପାରନ୍ତି, ସେମାନେ ପରମେଶ୍ୱର କରିଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ ଖୋଲିପାରନ୍ତି । ମାତ୍ର ଯଦି ଆପଣଙ୍କ ପାଖରେ

ସେହି ଚାବି ନାହିଁ, ଆପଣ କେବଳ ଦରାଣ୍ଡି ହେଉଛନ୍ତି, ତାହାହେଲେ ଆପଣ ଏହାକୁ କେବେବି ଖୋଲିବେ ନାହିଁ । ଆପଣ ଏହା ବିରୁଦ୍ଧରେ ବାଡେଇ ପିଟି ହେବେ, କାରଣ ଏହି ଚାବି…

59 ଯେକୌଣସି ସଠିକ୍ ଭାବେ ନିର୍ମିତ ଚାବିର ସେହି ତାଲା ଭିତରେ ଖାଞ୍ଜାଗୁଡିକ ରହିଥାଏ, ଏବଂ ଏହା ଏକ ନିର୍ଦ୍ଦିଷ୍ଟ ରୂପ ଧାରଣ କରେ, ସେହି ଖାଞ୍ଜାଗୁଡ଼ିକୁ ଘୁରାଇବା ପାଇଁ ସେଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଆକୃତି ଗ୍ରହଣ କରେ । ଏବଂ ଗୋଟିଏ ବି ଛୋଟ ଖାଞ୍ଜା ତାର ଆକାରରୁ ଭିନ୍ନ ହେବ, ତାହା ସମଗ୍ର ଜିନିଷକୁ ଖରାପ କରି ଦେବ ।

60 ତେଣୁକରି, ମୁଁ ସମ୍ପୂର୍ଣ୍ଣ ସୁସମାଚାରରେ, ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟରେ ବିଶ୍ୱାସ କରେ, ଯାହାକି ପରମେଶ୍ୱରଙ୍କ ଶକ୍ତିକୁ ଉନ୍ମୁକ୍ତ କରେ, ଯାହାକି ତାହାଙ୍କର ଆଶୀର୍ବାଦକୁ ଲୋକମାନଙ୍କୁ ଦେଇଥାଏ । ଏହା ତ ସେହି ଦ୍ୱାରର ଚାବି ଅଟେ, ଯାହାକି ଏହାକୁ ଖୋଲି ଦେଇଥାଏ । ଓଃ, ସେହି ମହାନ ନେତାମାନେ, ସେହି ଭବିଷ୍ୟଦ୍‌ବକ୍ତାମାନେ ଏବଂ ବାଇବଲର ମହାନ ବ୍ୟକ୍ତିମାନେ, ଯାହାଙ୍କ ପାଖରେ ସେହି ଚାବି ଥିଲା! ସେହି କାରଣରୁ ସେମାନେ ସିଂହର ମୁଖକୁ ବନ୍ଦ କରି ଦେଇପାରିଲେ, ନିଆଁର ଉତ୍ତାପକୁ କ୍ଷାନ୍ତ କରାଇ ପାରିଲେ, ଖଣ୍ଡର ଧାରରୁ ରକ୍ଷା ପାଇପାରିଲେ, ମୃତମାନଙ୍କୁ ପୁନର୍ବାର ଜୀବନ ମଧ୍ୟକୁ ଫେରାଇ ଆଣିପାରିଲେ, ଏବଂ ସମସ୍ତ ପ୍ରକାର ଚମତ୍କାରଗୁଡିକୁ ସାଧନ କରି ପାରିଲେ, ତାହାର କାରଣ ହେଲା ସେମାନେ ସେହି ଚାବିକୁ ଧରିଥିଲେ ଏବଂ ସେମାନେ ଜାଣିଥିଲେ ଯେ ଏହା କାମ କରେ, କାରଣ ଏହା ଏକ ଶାସ୍ତ୍ର-ଜନ୍ମିତ ଚାବି ଅଟେ ।

61 ତେବେ, ଯଦି ମୁଁ ଗୋଟିଏ ଧର୍ମମତର ଚାବି ସହିତ ଦରାଣ୍ଡି ହେଉଅଛି, ମୁଁ ଜାଣେ ନାହିଁ ଯେ ଏହା କଅଣ କରିବାକୁ ଯାଉଛି । ଯଦି ସେମାନେ କୁହନ୍ତି "ମୋର ମଣ୍ଡଳୀ *ଏହା* ଶିକ୍ଷା ଦିଏ," ମୁଁ ତାହା ବିଷୟରେ ଜାଣେ ନାହିଁ ।

62 ମାତ୍ର ଯେତେବେଳେ ବାଇବଲ ଏହାକୁ ଶିକ୍ଷା ଦିଏ, ଏବଂ ମୁଁ ମୋ ହାତରେ, କିମ୍ବା ମୋ ହୃଦୟରେ ବିଶ୍ୱାସର ଚାବିକୁ ଧରି ରହିଥାଏ, ଯାହାକି କୁହେ "ତାହା ତ ପରମେଶ୍ୱରଙ୍କ ବାକ୍ୟ ଅଟେ," ଯାହାକି ଅଗ୍ନିର ଉତ୍ତାପକୁ କ୍ଷାନ୍ତ କରି ଦେବ, ଏହା ରୋଗୀମାନଙ୍କ ପାଇଁ ଆରୋଗ୍ୟତାକୁ ଖୋଲି ଦେବ, ଏହା ହଜିଯାଇଥିବା ଲୋକମାନଙ୍କ ପ୍ରତି ପରିତ୍ରାଣକୁ ଖୋଲି ଦେବ । ମୋତେ ତାହାଙ୍କ ଦ୍ୱାର ନିକଟକୁ ଆସିବାକୁ ପଡିବ, ସବୁକିଛି ତାହାଙ୍କ ନାମରେ କରିବାକୁ ପଡିବ । "ତୁମେମାନେ ଯାହାକିଛି ବି କଥାରେ ବା କାର୍ଯ୍ୟରେ କର, ତାହା ସବୁ ତାହାଙ୍କ ନାମରେ କର ।" ଏହା ଜାଣି ଯେ ଆପଣ ପାଇଥିବା ସେହି ଚାବିଟି ହେଉଛି ବିଶ୍ୱାସ, କାରଣ ଏହା ଏକ ଶାସ୍ତ୍ର-ନିର୍ମିତ ଚାବି ଅଟେ । ତେବେ, ଯଦି ଏହା ଏକ ଧର୍ମମତ ଚାବି, ନାମଧାରୀ ସଂସ୍ଥାଗତ ଚାବି ଅଟେ, ତାହହେଲେ ମୁଁ ଜାଣେ ନାହିଁ ଯେ ଏହା କଅଣ କରିବ । ମାତ୍ର ଯଦି ଏହା ଏକ ଶାସ୍ତ୍ରସଙ୍ଗତ ଚାବି, ତାହାହେଲେ ଏହା ଖୋଲି ଦେବ, କାରଣ ପରମେଶ୍ୱର ଏହା କହିଛନ୍ତି । ତେବେ, ଓଃ, କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ନିଆଁର ଉତ୍ତାପକୁ କ୍ଷାନ୍ତ କରି ଦେଇପାରିଥିଲେ, ଏବଂ ପ୍ରଭୃତି ସବୁ ବିଷୟ, ସେମାନଙ୍କ

ପାଖରେ ସେହି ଚାବି ଥିଲା ।

63 ସେହି ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଜଣକାକୁ ପରମେଶ୍ୱରଙ୍କ ପ୍ରଥମ ଇଶାରା, ସେମାନଙ୍କୁ କେହି ବି ଅଟକାଇ ପାରି ନ ଥିଲା । ତାହାଙ୍କୁ ସେହିପରି କରିବାକୁ ପଡ଼ି ନ ଥିଲା ଯେପରିକି ସେ ମୋ ସହିତ ବେଳେ ବେଳେ କରନ୍ତି, ଏହାକୁ ଥରକୁ ଥର ବାରମ୍ବାର କହିଥାନ୍ତି, ଏବଂ ବୋଧହୁଏ ଆପଣଙ୍କୁ (ମୁଁ ଆଶା କରେ ନାହିଁ), ମାତ୍ର ମୋତେ କହି ଚାଲନ୍ତି, "ଯାଅ, ଏହା କର," ଏବଂ ତାହାପରେ ଆପଣ ଝୁଣ୍ଟି ପଡ଼ିବେ, "ତାହାପରେ ଯାଇ *ଏହା* କର," ଏବଂ "ଫେରିଯାଅ ଏବଂ ଏହାକୁ ପୁନର୍ବାର କର, ତୁମେ ଏହାକୁ ଠିକ୍ ଭାବରେ କରି ନାହଁ ।" କେବଳ ଗୋଟିଏ ଛୋଟ ଇଶାରା! କେବଳ, ସେମାନେ କେବଳ ସେହି ଆତ୍ମାକୁ ସେମାନଙ୍କୁ ଏହା କହୁଥିବାର ଅନୁଭବ କରିପାରନ୍ତି, "ଏହାହିଁ କରିବାର ବିଷୟ ଅଟେ," ଏବଂ ସେମାନଙ୍କୁ କିଛି ବି ଅଟକାଇବାକୁ ଯାଉ ନାହିଁ । ଭାଇ, ସେମାନେ—ସେମାନେ—ସେମାନେ ସିଂହର ମୁଖକୁ ବନ୍ଦ କରି ଦେଇଥିଲେ, ସେମାନେ ଖଡ୍ଗର ଧାରରୁ ରକ୍ଷା ପାଇଥିଲେ, ସେମାନେ ନିଆଁକୁ କ୍ଷାନ୍ତ କଲେ, ସେମାନେ ସବୁକିଛି କଲେ । କେବଳ ପରମେଶ୍ୱରଙ୍କଠାରୁ ଏକ ଛୋଟ ଇଶାରା, କାରଣ ସେମାନେ ନିଜ ହାତରେ ସେହି ଚାବି, ସେହି ମହାନ ବିଶ୍ୱାସକୁ ଧରିଥିଲେ! ସେମାନେ ପରମେଶ୍ୱରଙ୍କ ନିମନ୍ତେ କାର୍ଯ୍ୟଗୁଡିକୁ ସାଧନ କରିଥିଲେ କାରଣ କିଛି ହେଲେ ସେମାନଙ୍କୁ ଅଟକାଇବ ନାହିଁ । ଓଃ, କେତେ ମହିମାମୟ!

64 ଯେପରିକି ଥରେ ଜଣେ ଯୁବା ଲୋକ ଜଣେ ବୃଦ୍ଧ ଭାଇ ପାଖକୁ ଆସିଲା ଯିଏକି ଜଣେ ଧାର୍ମିକ ବୃଦ୍ଧ ଲୋକ ଥିଲେ, ପରମେଶ୍ୱରଙ୍କ ଜଣେ ବୃଦ୍ଧ ଭବିଷ୍ୟଦ୍‌ବକ୍ତା ଥିଲେ । ଏବଂ ସେ ସେହି ବ୍ୟକ୍ତିଙ୍କୁ ନିରନ୍ତର ସାକ୍ଷ୍ୟ ଦେଉଥିବାର, ନିରନ୍ତର ପରମେଶ୍ୱରଙ୍କ ଉତ୍ତମତା ବିଷୟରେ କହୁଥିବାର, ଏବଂ ପରମେଶ୍ୱର ଯେ କିପରି ଥିଲେ, ଏବଂ ଖ୍ରୀଷ୍ଟ କଅଣ ଅଟନ୍ତି କହୁଥିବାର, ଏବଂ ଏହିପରି ଭାବରେ, କହି ଚାଲିଥିବାର ଶୁଣିଥିଲେ । ଶେଷରେ, ଏହି ଯୁବା ବ୍ୟକ୍ତିଜଣକ ସେବାକାର୍ଯ୍ୟରେ ନିଯୁକ୍ତ ହେବାକୁ ଯାଉଥିଲା, ତେଣୁ ସେ ଏହି ନିର୍ଦ୍ଦିଷ୍ଟ ବୃଦ୍ଧ ସାଧୁଙ୍କ ପାଖକୁ ଆସିଲା, ଏବଂ ସେ ତାଙ୍କୁ କହିଲା, "ମହାଶୟ, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ ।"

ସେ କହିଲେ, "ଯୁବକ, ପଚାର ।"

65 ସେ କହିଲା, "କଅଣ ଖ୍ରୀଷ୍ଟ ଆପଣଙ୍କ ପାଇଁ ଆକ୍ଷରିକ ଭାବରେ ସେତିକି ଅର୍ଥ କରନ୍ତି କି ଯେତିକି ଅର୍ଥ କରନ୍ତି ବୋଲି ଆପଣ କହୁଛନ୍ତି?"

66 ସେ କହିଲେ, "ସେ ତ ମୋ ପାଇଁ ତାହାଠାରୁ ଅଧିକ ଅର୍ଥ କରନ୍ତି ଯେତିକି ମୁଁ କହିବା ପାଇଁ କଦାଚ ନିଃଶ୍ୱାସ ପାଇପାରେ!" ସେଠାରେ ଆପଣ ଅଛନ୍ତି । ଏହା କଅଣ ଥିଲା? ସେ ଚାବିଟିକୁ ପାଇ ଯାଇଥିଲେ ।

67 ସେହି ଯୁବା ଲୋକ, ତାହା ଉପରେ କହିଲା, "ଯଦି ଆପଣ ଏହିସବୁ ବିଷୟଗୁଡିକୁ ଦାବି କରନ୍ତି, ଏବଂ ଆପଣ ମୋତେ କୁହନ୍ତି ଯେ ସେଗୁଡ଼ିକ ସେତିକି ବାସ୍ତବ ଯେତିକି ଆପଣ ଅଟନ୍ତି, ତାହାହେଲେ ମୁଁ ସେହି ସମାନ ଯୀଶୁଙ୍କୁ, ସେହି ସମାନ ବାସ୍ତବିକତାରେ ଜାଣିବାକୁ ଚାହେଁ ।"

ଏହା କଅଣ ଥିଲା? ସେ ଜାଣିଥିଲେ ଯେ ସେହି ବୃଦ୍ଧ ବ୍ୟକ୍ତିଜଣକ ଏକ ଚାବିକୁ ଧରିଛନ୍ତି, ଯାହାକୁ ସେ ଖୋଲିପାରିବେ ଏବଂ ତାଲା ପକାଇ ପାରିବେ।

68 ଆପଣମାନେ ଜାଣନ୍ତି, ଗୋଟିଏ ଚାବି ଯାହାକି ତାଲା ପକାଇପାରେ, ତାହା ଖୋଲି ମଧ୍ୟ ପାରେ। ବୁଝିଲେ? ଆପଣ ଖୋଲିପାରନ୍ତି କିମ୍ବା ବାନ୍ଧି ପାରନ୍ତି। ତାହା ଠିକ୍ ଅଟେ। ସେହି ସମାନ ଚାବି ଯାହାକି ତାଲା ପକାଇପାରେ, ତାହା ଖୋଲିପାରେ। ସେହି ଚାବି ଯାହାକି ଖୋଲିପାରେ, ତାହା ତାଲା ପକାଇପାରେ। ଏବଂ ତାହା ଅବିକଳ ଠିକ୍, ଦେଖନ୍ତୁ, କାରଣ ଏହା ଉଭୟ ଉପାୟରେ କାମ କରେ। ଏହା କେତେ ଦୁଃଖର ବିଷୟ ଅଟେ ଯେ ମଣ୍ଡଳୀ କଦାଚ ଏହା ବିଷୟରେ ନିଜର ଦୃଷ୍ଟିଶକ୍ତି ହରାଇଅଛି! ଏହା କେତେ ଦୁଃଖଦାୟକ ବିଷୟ ଥିଲା ଯେତେବେଳେ ମଣ୍ଡଳୀ ନିଜକୁ ଧର୍ମମତରେ ବିକ୍ରୟ କରି ଦେଇଥିଲା, ଯେପରିକି ଆମେମାନେ ଆଜି କରିଅଛୁ, ଏବଂ ବର୍ତ୍ତମାନ ଏକୀକୃତ ହେବା ନିମନ୍ତେ ଡାକୁଅଛି।

69 ଆମେମାନେ ଦେଖିଅଛୁ ଯେ ସେହି ମହାନ ରୋମାନ୍ ଉଚ୍ଚପଦ ବ୍ୟବସ୍ଥାକାରୀ ଏବଂ ସେମାନେ ବର୍ତ୍ତମାନ କେଉଁଠାରେ ସାକ୍ଷାତ କରିବାକୁ ଯାଉଛନ୍ତି, ସେମାନେ କେତୋଟି କାର୍ଯ୍ୟକ୍ରମଗୁଡିକୁ ବଦଳାଇବାକୁ ଯାଉଛନ୍ତି। ମୁଁ ଭାବିଲି ସେମାନେ ପରିବର୍ତ୍ତନ କରନ୍ତି ନାହିଁ; ମାତ୍ର ସେମାନେ ଯେକୌଣସି ପ୍ରକାରେ ବି, କରିବାକୁ ଯାଉଛନ୍ତି, ପ୍ରତ୍ୟେକ ଯାଜକଙ୍କୁ ଏକ ପୋପ୍‌ର ଶକ୍ତି ଦେବାକୁ ଯାଉଛନ୍ତି, ଏବଂ—ଏବଂ ସେ ଯେଉଁଠାରେ ବି ଥାଆନ୍ତୁ, ଏବଂ ପ୍ରଭୃତି ସବୁ। ଏହା କେତେ ଦୁଃଖଦାୟକ, ଯେ ମଣ୍ଡଳୀ କଦାଚ ବାକ୍ୟ ପରିବର୍ତ୍ତେ ଶିକ୍ଷା ସିଦ୍ଧାନ୍ତକୁ ବିକ୍ରୟ ହୋଇଗଲା। ବୁଝିଲେ? ଠିକ ସେହିଠାରେ ହିଁ ସେମାନେ ସେହି ଚାବିକୁ ଛାଡି ଦେଇଛନ୍ତି, ଠିକ୍ ସେହିଠାରେ। ସେହି କାରଣରୁ ଆଜି ଲୋକମାନଙ୍କ ମଧ୍ୟରେ ସେହି ମହାନ ଚମତ୍କାରମାନ ଏବଂ ଚିହ୍ନଗୁଡିକ କରାଯାଉ ନାହିଁ, ଯାହା ପୂର୍ବରୁ ହେଉଥିଲା, ସେମାନେ ସେହି ଚାବିକୁ ହରାଇଛନ୍ତି! ହଁ, ସେମାନେ ସେହି ଦ୍ୱାରକୁ ଜାଣନ୍ତି, ସେମାନେ ଜାଣନ୍ତି ଯେ ସେଠାରେ ଦ୍ୱାର ଅଛି, ମାତ୍ର ପରବର୍ତ୍ତୀ ବିଷୟ ହେଉଛି ସେହି ଦ୍ୱାରକୁ ଖୋଲିବା ପାଇଁ ଚାବି। ସେହି ଧନଭଣ୍ଡାରଗୁଡିକ ତ ଦ୍ୱାର ପଛରେ ଅଛି। ସେଗୁଡିକ ଅବିଶ୍ୱାସୀଙ୍କଠାରୁ, ଲୋକ ଲୋଚନରୁ, ବନ୍ଦ କରାଯାଇଛି। ମାତ୍ର ସେହି ବିଶ୍ୱାସୀ, ଯାହାଠାରେ ବିଶ୍ୱାସ ଅଛି ଏବଂ ଯିଏକି ବିଶ୍ୱାସର ସେହି ଚାବିକୁ ନେଇପାରେ, ସେ ଏହି ଦ୍ୱାରଗୁଡ଼ିକୁ ଖୋଲିପାରେ। ହଁ, ମହାଶୟ।

70 କିଛି ବର୍ଷ ପୂର୍ବେ ଏଠାରେ ଥରେ, ଜଣେ ମିଶନାରୀ ଭାଇ ଥିଲେ, ଏବଂ ସେ ଅନୁଭବ କଲେ ଯେ ତାଙ୍କର ଆଫ୍ରିକା ଯିବା ନିମନ୍ତେ ଏକ ଆହ୍ୱାନ ଅଛି। ସେ ଜଣେ ଯୁବା ଲୋକ ଥିଲେ; ଜଣେ ପତ୍ନୀ ଏବଂ ଦୁଇଟି ସନ୍ତାନ ଥିଲେ, ବହୁତ ସୁନ୍ଦର, ଯୁବା ଝିଅମାନେ, ପ୍ରାୟଃ ଜଣେ ଜଣେ, ସାତ କିମ୍ବା ଆଠ ବର୍ଷର ହୋଇଥିବେ। ଏବଂ ଏହି ଯୁବା ବ୍ୟକ୍ତି ଜଣକ ସେଥିରୁ ଦୂରେଇ ଯାଇ ପାରୁ ନ ଥିଲେ। ସେ ଜଣେ—ଜଣେ ସେବକ ଥିଲେ, ତାଙ୍କର ସେହି ଦେଶରେ ଏକ ସୁନ୍ଦର ମଣ୍ଡଳୀ ଥିଲା। କିନ୍ତୁ ସେ କେବଳ ସେହି ଆହ୍ୱାନରୁ ଦୂରେଇ ଯାଇ ପାରି ନ ଥିଲେ, ତାଙ୍କୁ "ନିଶ୍ଚିତରେ ଆଫ୍ରିକାକୁ ଯିବାକୁ ଥିଲା।" ଏବଂ ସେ ଦିନରାତି, ପ୍ରାର୍ଥନା କରିଥିଲେ। ସେ ଯିବାକୁ ଚାହୁଁ ନ ଥିଲେ। ଏବଂ ପରମେଶ୍ୱର ତାହାଙ୍କୁ କଥା କହିବା ଜାରି ରଖିଲେ, "ତୁମକୁ ନିଶ୍ଚୟ

ଯିବାକୁ ଅଛି!” ଏବଂ ଶେଷରେ ସେ ଏପରି ଏକ ସ୍ଥାନକୁ ଆସିଲେ ଯେପର୍ଯ୍ୟନ୍ତକି ସେ, ଏକ ଚରମ ପରାକାଷ୍ଠା, ଯେଉଁଠାରେକି, ତାଙ୍କୁ—ତାଙ୍କୁ ନିଶ୍ଚିତ ଯିବାକୁ ଥିଲା!

71 ତେଣୁ ସେ ତାଙ୍କ ମଣ୍ଡଳୀର ମିଶନ ବୋର୍ଡ ନିକଟକୁ ଗଲେ, ଏବଂ ସେ କହିଲେ, “ପରମେଶ୍ୱର ମୋତେ ରୋଡେସିଆର—ର ଜଙ୍ଗଲରେ ମିଶନ କ୍ଷେତ୍ରକୁ ଡାକିଛନ୍ତି।” ଏବଂ ଏହି ଜଙ୍ଗଲଟି ତାହା ମ୍ୟାଲେରିଆ, ଜ୍ୱର ଏବଂ ସେହି ଉତ୍ତାପ ସୂର୍ଯ୍ୟ, ମହାମାରୀ ଏବଂ କୁଷ୍ଠରୋଗରେ ଆକ୍ରାନ୍ତ ଅଟେ, ଏବଂ ଏହି ଜଙ୍ଗଲରେ ସମସ୍ତ ପ୍ରକାରର ରୋଗ ରହିଛି, ସେ ଯେଉଁଠାରେ କରିବାକୁ ଯାଉଥିଲେ...ତାଙ୍କର ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ଯାଉଥିଲେ। ତାଙ୍କ ଘର ଏବଂ ଯାହା ତାଙ୍କ ପାଖରେ ଥିଲା ସମସ୍ତ ଜିନିଷ ବିକ୍ରୟ କରିଦେଲେ। ତେଣୁ ସେହି ମିଶନ ବୋର୍ଡ ତାଙ୍କୁ ପରୀକ୍ଷା କରିବାକୁ ଚାହିଁଲା, ଏବଂ ସେମାନେ କହିଲେ, “କଅଣ ଆପଣ ତେବେ ସୁନିଶ୍ଚିତ ଅଟନ୍ତି କି?”

ସେ କହିଲେ, “ମୁଁ ସକାରାତ୍ମକ ଅଟେ।”

72 ସେମାନେ ତାଙ୍କୁ କହିଲେ, “ମହାଶୟ, କଅଣ ଆପଣ ଏପରି ଭାବରେ ଭାବିଛନ୍ତି କି, ଯେ ଆପଣଙ୍କର ଦୁଇଟି ସୁନ୍ଦର ସାନ ସାନ ଝିଅମାନେ ଅଛନ୍ତି, ଏବଂ ଆପଣଙ୍କର ଜଣେ—ଜଣେ ସୁନ୍ଦର ଯୁବା ପତ୍ନୀ ଅଛନ୍ତି, ଏବଂ ଯଦି ଆପଣ କେବଳ...ତେବେ ଆପଣ କାହିଁକି କେବଳ ସେଠାକୁ ଯାଇ ଏହା ଦେଖୁ ନାହାଁନ୍ତି ଯେ ତାହା କିପରି ଅଟେ ଏବଂ ତାହାପରେ ଫେରି ଆସୁ ନାହାଁନ୍ତି?”

73 ସେ କହିଲେ, “ନା, ପ୍ରଭୁ ମୋତେ କହିଛନ୍ତି। ଓଃ, ଏହା ଏତେ ବାସ୍ତବ ଅଟେ!” ସେ କହିଲେ, “ପ୍ରଭୁ ମୋତେ ଡାକିଛନ୍ତି। ଏବଂ ମୁଁ—ମୁଁ ମୋର ଘର ଛାଡ଼ି ଯିବାକୁ ଚାହେଁ ନାହିଁ, ମୁଁ ମୋର ମଣ୍ଡଳୀ ଏବଂ ମୋର ଲୋକମାନଙ୍କୁ ଛାଡି ଯିବାକୁ ଚାହେଁ ନାହିଁ, ମାତ୍ର ପ୍ରଭୁ ମୋତେ ସେଠାରେ ସେହି ଜଙ୍ଗଲକୁ ଡାକିଛନ୍ତି।”

74 ଏବଂ ସେ କହିଲେ, “ମହାଶୟ, କଅଣ ଆପଣ ଜାଣିଛନ୍ତି ଯେ ଆପଣଙ୍କର ସାନ ଝିଅମାନେ ହଳଦିଆ ଜ୍ୱରରେ କିମ୍ବା କଳା ଜଳ ଜ୍ୱରରେ ଆକ୍ରାନ୍ତ ହୋଇପାରନ୍ତି, ଏବଂ ରାତାରାତି, ମରି ଯାଇପାରନ୍ତି?” ଏବଂ ସେ ବିଭିନ୍ନ ଲୋକମାନଙ୍କର ନାମ ନେଲେ ଯେଉଁମାନେକି ସେମାନଙ୍କର ସନ୍ତାନମାନଙ୍କୁ, ସେହି ଛୋଟ ଛୋଟ ଶିଶୁମାନଙ୍କୁ ହରାଇଥିଲେ, ସେମାନଙ୍କୁ ସେଠାକୁ ନେଇକରି ଯିବା, ଏପରି ରୋଗଗୁଡିକ ଭିତରେ ଯାହା ପାଇଁ ସେମାନଙ୍କଠାରେ କୌଣସି ରୋଗ ପ୍ରତିଷେଧକ ଟୀକା ନ ଥିଲା। ଏବଂ କହିଲେ, “କୁଷ୍ଠରୋଗ ବିଷୟରେ ଚିନ୍ତା କରନ୍ତୁ, ଆପଣଙ୍କର ସୁନ୍ଦର ପତ୍ନୀର, ଏବଂ ଆପଣଙ୍କର ଦୁଇଟି ସାନ ଝିଅମାନଙ୍କୁ କୁଷ୍ଠରୋଗ ସହିତ ଆକ୍ରାନ୍ତ ହେବା ବିଷୟରେ, ଏବଂ ସେହି ଉତ୍ତାପ ସୂର୍ଯ୍ୟ ଓ ଜିନିଷଗୁଡିକ ଯାହାକି ଆପଣଙ୍କୁ ସହିବାକୁ ପଡିବ।” କହିଲେ, “କଅଣ ଆପଣଙ୍କୁ ଭୟ ଲାଗୁ ନାହିଁ କି, ଏବଂ ଆପଣଙ୍କର ସନ୍ତାନମାନଙ୍କୁ ଏବଂ ପତ୍ନୀଙ୍କୁ ଏପରି ସ୍ଥାନକୁ ନେଇଯିବାର ବିପଦ ଲାଗେ ନାହିଁ କି?”

75 ଏବଂ ସେହି ମିଶନାରୀ ସେଠାରେ ଛିଡା ହୋଇଥିଲେ, ସେହି ଯୁବା ବ୍ୟକ୍ତିଜଣକ, ଏବଂ ତାଙ୍କ ଗାଲରୁ ଲୁହ ଝରିବାକୁ ଲାଗିଲା, ସେ ବୁଲି ପଡିଲେ, ସେ କହିଲେ, "ମୋର ଭାଇମାନେ! ପରମେଶ୍ୱରଙ୍କ ଆହ୍ୱାନ ବିଷୟରେ ମୋର ଦର୍ଶନଟି," ସେ କହିଲେ, "ଯଦି ପରମେଶ୍ୱର ମୋତେ ଆଫ୍ରିକାକୁ ଡାକିଛନ୍ତି, ତେବେ ମୋର ସନ୍ତାନ ଏବଂ ମୋର ପରିବାର ବିଶ୍ୱର ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ଆଫ୍ରିକାରେ ଅଧିକ ସୁରକ୍ଷିତ ଅଟନ୍ତି।" ଆମେନ୍। ଏହା କଅଣ ଥିଲା? ତାଙ୍କ ପାଖରେ ନିଜ ଡାକରାର ସେହି ଚାବି ଥିଲା, ସେ ଯାହା କହୁଥିଲେ ତାହା ଉପରେ ତାଙ୍କର ବିଶ୍ୱାସ ଥିଲା। ଓଃ, ମୁଁ ଭାବିଲି, କି ଏକ ମହାନ୍ ଟିପ୍ପଣୀ ଅଟେ! ଯେତେବେଳେ ମୁଁ ପ୍ରଥମେ ତାହା ଶୁଣିଲି, ମୋର ହୃଦୟ ଡ଼େଇଁ ପଡ଼ିଲା। ଦେଖନ୍ତୁ, "ଯଦି ପରମେଶ୍ୱର ମୋତେ ଆଫ୍ରିକାକୁ ଡାକିଛନ୍ତି, ମୋର ପିଲାମାନଙ୍କୁ କୁଷ୍ଠରୋଗ ଏବଂ ମହାମାରୀରେ ଏବଂ ଅନ୍ୟାନ୍ୟ ଜିନିଷରେ ଡାକିଛନ୍ତି, ତାହାହେଲେ ସେମାନେ ପୃଥିବୀର ଯେକୌଣସି ଅନ୍ୟ ସ୍ଥାନ ଅପେକ୍ଷା ସେଠାରେ ଅଧିକ ନିରାପଦ ଅଟନ୍ତି।" ତାଙ୍କ ପାଖରେ ଚାବି ଥିଲା। ତାହା ହିଁ ଅଟେ ଯାହାକି ଏହା ଆବଶ୍ୟକ କରେ।

76 ଯେତେବେଳେ ଆପଣ ଚାବି ପାଆନ୍ତି, ସେତେବେଳେ କୌଣସି ଭୟ ରହେ ନାହିଁ, କୌଣସି ସନ୍ଦେହ ରହେ ନାହିଁ, କୌଣସି ପ୍ରଶ୍ନ ରହେ ନାହିଁ। ଆପଣଙ୍କୁ ଏହା ବିଷୟରେ ଅନ୍ୟ କାହାରିକୁ ପଚାରିବାର ଦରକାର ନ ଥାଏ, ଆପଣ ଅବିକଳ ଭାବେ ଜାଣନ୍ତି। ଆପଣଙ୍କ ନିଜ ହାତରେ ଏହା ରହିଅଛି, ଆପଣ ଜାଣନ୍ତି ଯେ କଅଣ କରିବାକୁ ଅଛି। ଆମେନ୍। ଆପଣ ଜାଣନ୍ତି ଯେ ସଂଖ୍ୟା କଅଣ ଅଟେ, ଆପଣ ଜାଣନ୍ତି ଯେ ଦ୍ୱାର ଫିଟା ହେବାକୁ ଯାଉଅଛି। ଆପଣ ଖାଞ୍ଜାଗୁଡ଼ିକୁ ଯାଞ୍ଚ କରିଛନ୍ତି ଏବଂ ଆପଣ ଜାଣନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବେ ସଠିକ୍ ବିଷୟ ଅଟେ, ଯେତେବେଳେ ଆପଣ ଏଥିରେ ଚାବି ପକାନ୍ତି ସେତେବେଳେ ସେହି ଦ୍ୱାର ଖୋଲିବାକୁ ଯାଉଅଛି।

77 ଓଃ, ଯଦି ମଣ୍ଡଳୀ କେବଳ ଚାବିଗୁଡିକୁ ଧାରଣ କରିଥାନ୍ତା! ଯଦି ମଣ୍ଡଳୀ କେବଳ ସେହି ବିଶ୍ୱାସର ଚାବିକୁ ଧାରଣ କରିଥାନ୍ତା, ତେବେ ଆମେ ଯେକୌଣସି ଦ୍ୱାର, ଯେକୌଣସି ଅସୁସ୍ଥତା, ଯେକୌଣସି ମହାମାରୀ, ସେଠାରେ ଥିବା ଯେକୌଣସି ମାମଲାକୁ ଖୋଲି ଦେଇପାରନ୍ତୁ। ଏହା ଆମ ପାଇଁ ଖୋଲି ଦିଆଯାଇପାରିବ ଯଦି ଆମେମାନେ କେବଳ ଏହି ଚାବିକୁ ଧରି ରହିପାରିବା। ଏହି ବ୍ୟକ୍ତିଙ୍କ ପାଖରେ ତାଙ୍କର ଡାକରାର ଚାବି ଥିଲା।

78 ଯଦି ଆପଣ ଏକ ବ୍ୟକ୍ତିଗତ ସାକ୍ଷ୍ୟ ନିମନ୍ତେ କ୍ଷମା କରିବେ। ମୋର ମନେ ଅଛି ଯେ ଆଜିଠାରୁ, ପ୍ରାୟଃ ପନ୍ଦର, ସତର ବର୍ଷ ପୂର୍ବେ, ଯେତେବେଳେ ପ୍ରଭୁ ମୋତେ ସେଠାରେ ନଦୀ କୂଳରେ କହିଥିଲେ, ଯେତେବେଳେ ସେ ସେହି ଅଗ୍ନିସ୍ତମ୍ଭରେ ଓହ୍ଲାଇ ଆସିଥିଲେ ଯାହାର ଫଟୋଚିତ୍ର ଆପଣମାନେ ଦେଖୁଛନ୍ତି, ଏବଂ ସେ ମୋ ସହିତ କଥା ହୋଇ ଏହା କହିଥିଲେ, "ତୁମକୁ ଏହି ବାର୍ତ୍ତାକୁ ସମଗ୍ର ବିଶ୍ୱରେ ନେଇକରି ଯିବାକୁ ଅଛି।"

ଏବଂ ମୋର ମନେ ଅଛି ଗ୍ରୀନ୍ ମିଲ୍‌ଠାରେ ଯେତେବେଳେ ସେ ମୋ ସହିତ କଥା

ହୋଇଥିଲେ ।

79 ଏବଂ ମୁଁ ଯାଇ ପାଳକଙ୍କୁ କହିଥିଲି, ଏବଂ ସେ ମୋତେ କହିଥିଲେ, କହିଲେ, "ବିଲି, ତୁମେ ସେଦିନ ରାତିରେ କଅଣ ଖାଇଥିଲ? ତୁମେ ଏକ ଦୁଃସ୍ୱପ୍ନ ଦେଖିଛ ।" ସେ କହିଲେ, "ତୁମ ନିଜର କାମକୁ ଫେରିଯାଅ । ତୁମେ ଲୋକ ସେବା କମ୍ପାନୀରେ କାର୍ଯ୍ୟ କରୁଛ, ଗୋଟିଏ ଭଲ ଚାକିରିଟିଏ ପାଇଛ, ଯାଅ ଏବଂ ନିଜର—ନିଜର କାମକୁ ସମ୍ଭାଳ, ପୁଅ ।" କହିଲେ, "ତୁମେ ଏକ ଦୁଃସ୍ୱପ୍ନ ଦେଖିଛ । ତୁମେ କିଛି ଖାଅ ।" ତାହା ମୋତେ ତିଳେ ହେଲେ ବ୍ୟତିବ୍ୟସ୍ତ କଲା ନାହିଁ!

80 ଯେତେବେଳେ ମୁଁ ଆରୋଗ୍ୟ ସେବା ନିମନ୍ତେ ଯିବା ପାଇଁ ଆରମ୍ଭ କଲି, ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ସେହି ଦିନ ସକାଳର ମୋର ବାର୍ତ୍ତା ମନେ ଥିବ, *ଯେପରି ଦାଉଦ ଗଲିୟାତଙ୍କୁ ଭେଟିବାକୁ ଗଲେ*, ମୁଁ ପ୍ରଚାର କରିଥିଲି ।

81 ଏବଂ ସେମାନେ ମୋତେ କହିଥିଲେ, ସେ କହିଲେ, "ଆଧୁନିକ ବିଜ୍ଞାନ ଦିନରେ, ଯେତେବେଳେ ଆମ ପାଖରେ ସମସ୍ତ ପ୍ରକାରର ଚିକିତ୍ସା ଗବେଷଣା ରହିଛି, ଯେତେବେଳେକି ଆମ ପାଖରେ ସର୍ବୋତ୍ତମ ଡାକ୍ତରମାନେ ଅଛନ୍ତି, ଯେତେବେଳେକି ମଣ୍ଡଳୀ ବହୁ ବର୍ଷ ପୂର୍ବର, ଈଶ୍ୱରୀୟ ଆରୋଗ୍ୟତା ଏବଂ ବିଷୟ ସବୁ ଭୁଲି ଯାଇଅଛି, ଆପଣ କିପରି ଭାବରେ ସେପରି ଜଣେ ମହାନ ଜନସମୂହଙ୍କ ଆଗରେ ଯିବାକୁ ଯାଉଛନ୍ତି? ଆପଣ କିପରି ଭାବରେ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍, ଏବଂ ଇତ୍ୟାଦିମାନଙ୍କ ସମ୍ମୁଖରେ ବାହାରକୁ ଯିବାକୁ ଯାଉଛନ୍ତି, ଏବଂ ଏପରିକି ପେଣ୍ଟିକୋଷ୍ଟାଲ୍‌ମାନଙ୍କ ସମ୍ମୁଖରେ ମଧ୍ୟ, ଯିଏକି ଏହାକୁ ବହୁ ବର୍ଷ ପୂର୍ବେ ଭୁଲି ଯାଇଛନ୍ତି, ଏବଂ ସେମାନଙ୍କର ଧର୍ମମତଗୁଡିକରେ ଚାଲି ଯାଇଛନ୍ତି? ଆପଣ କିପରି ଭାବରେ ସମ୍ମୁଖିନ ହେବାକୁ ଯାଉଛନ୍ତି, ଯେତେବେଳେକି ଆପଣଙ୍କୁ କୌଣସି ନାମଧାରୀ ସଂସ୍ଥା କିମ୍ବା କୌଣସି କିଛି ସଂଗଠନ ସମର୍ଥନ କରୁ ନାହାଁନ୍ତି? ଆପଣ କଅଣ କରିବାକୁ ଯାଉଛନ୍ତି, ବିଲ୍?" କୌଣସି ପ୍ରକାରେ, ବା ଅନ୍ୟ କିଛି ପ୍ରକାରେ, ଏହା ମୋତେ ତିଳେ ହେଲେ ବ୍ୟତିବ୍ୟସ୍ତ କଲା ନାହିଁ, କାରଣ ମୁଁ ମୋ ହାତରେ ଏକ ଚାବି ଧରିଥିଲି! ମୁଁ କହିଲି...ସେମାନେ କହିଲେ, "କେହି ଆପଣଙ୍କୁ ବିଶ୍ୱାସ କରିବେ ନାହିଁ । ଆପଣ ଏହା କରିବାକୁ ସମର୍ଥ ହେବେ ନାହିଁ । କେହି ଆପଣଙ୍କୁ ବିଶ୍ୱାସ କରିବେ ନାହିଁ ।"

82 ମୁଁ କହିଲି, "ମୋର ଫରକ୍ ପଡେ ନାହିଁ । ଗୋଟିଏ ବିଷୟ ନିଶ୍ଚିତ ଅଟେ; ପରମେଶ୍ୱର ମୋତେ ଡାକିଛନ୍ତି, ଏବଂ ମୋତେ ନିଶ୍ଚିତ ଯିବାକୁ ଅଛି କାରଣ ପରମେଶ୍ୱର ମୋତେ ଡାକିଛନ୍ତି ।" ମୁଁ ଚାବି ଧରିଛି । ସେ ମୋତେ ଡାକିଛନ୍ତି, ସେ ମୋତେ ଦେଖାଇଛନ୍ତି, ସେ ମୋତେ କହିଛନ୍ତି, ଏବଂ ମୁଁ ତାହାଙ୍କର ଉପସ୍ଥିତିକୁ ଦେଖିଅଛି ଯେତେବେଳେ ସେ ମୋତେ କାର୍ଯ୍ୟଭାର ସମର୍ପଣ କରିଥିଲେ, ଏବଂ ସେହି ଚାବି ସେଠାରେ ଥିଲା!

83 ପାଳକ କହିଲେ, "ଏକ ସପ୍ତମ-ଶ୍ରେଣୀ ଶିକ୍ଷା ସହିତ, ଏବଂ ତୁମେ ରାଜା ଓ ପ୍ରଧାନମାନଙ୍କ ଆଗରେ ପ୍ରଚାର ଓ ପ୍ରାର୍ଥନା କରିବାକୁ ଯାଉଅଛ!"

ମୁଁ କହିଲି, “ତାହା ତାହାଙ୍କର ବାକ୍ୟ ଅନୁଯାୟୀ ଅଟେ!”

84 ଗତ ବର୍ଷ ପ୍ରାୟଃ ଏହି ସମୟରେ, କିଅବା ଗୋଟିଏ ବା ଦୁଇ ସପ୍ତାହ ପୂର୍ବରୁ, ଯେତେବେଳେ ମୁଁ ଏଠାରେ ମଣ୍ଡଳୀକୁ ଆସିଥିଲି ଏବଂ ଆପଣମାନଙ୍କୁ କହିଥିଲି ଯେ ପ୍ରଭୁ ପରମେଶ୍ୱର ମୋତେ ଏକ ଶିକାର ଯାତ୍ରା କରିବାକୁ ଯିବା ନିମନ୍ତେ, ଏକ ଦର୍ଶନ ଦେଇଛନ୍ତି, ଏବଂ ଏକ—ଏକ ନିର୍ଦ୍ଦିଷ୍ଟ ପଶୁ ମୁଁ ଖୋଜିବାକୁ ଯାଉଥିଲି, ଯାହାରକି ବୟାଳିଶ-ଇଞ୍ଚ ଶିଙ୍ଗ ରହିବାକୁ ଯାଉଅଛି । ଏବଂ ଏହି ପଶୁକୁ ମାରି ଫେରିବା ମାର୍ଗରେ (ଯେଉଁଠାରେ ଏହା ପଡ଼ି ରହିଥିବ, ଏହା ଯେଉଁ ସ୍ଥିତିରେ ରହିଥିବ), ଫେରିବା ରାସ୍ତାରେ ମୁଁ ଏକ ରୂପା-ନାକ ଥିବା ଗ୍ରୀଜଲି ଭାଲୁକୁ ମାରିବାକୁ ଯାଉଅଛି । ଏବଂ ମୁଁ ଏହି ନିର୍ଦ୍ଦିଷ୍ଟ ପ୍ରାନ୍ତକୁ ଗଲି, ଏବଂ ମୁଁ ସେହି ଲୋକ ସହିତ କଥାବାର୍ତ୍ତା କଲି, ଏବଂ ସେ କହିଲେ, “ମୁଁ ଏପରି କୌଣସି ପଶୁକୁ ଜାଣେ ନାହିଁ ଯାହାକି ସେହିପରି ଦେଖାଯାଏ । ଏବଂ ଯେତିକି ଦୂର ଗ୍ରୀଜଲି ଭାଲୁ କଥା, ମୁଁ କେବେବି ଗୋଟିଏ ଦେଖି ନାହିଁ ।”

ମୁଁ କହିଲି, “ମାତ୍ର ଏଠାରେ କୌଣସି ସ୍ଥାନରେ ତାହା ରହିବା ଉଚିତ୍ ।”

85 ତେବେ ସେ କହିଲେ, “ଆମେମାନେ ତ ଏପରିକି ଭାଲୁ ଥିବା ଦେଶକୁ ସୁଦ୍ଧା ଯାଉନାହୁଁ । ଆମେମାନେ ତ ମେଣ୍ଢା ଖୋଜିବା ପାଇଁ ଯାଉଅଛୁ, କାଠ କଟାଯିବାର ଜଙ୍ଗଲର ଅନେକ ଉପରେ ।” ତେବେ, ମୁଁ ତାଙ୍କ ସହିତ ଗଲି ।

86 ଏବଂ ଦ୍ୱିତୀୟ ଦିନ ସେଠାରେ, ଠିକ୍ ସେହି ସ୍ଥାନରେ, ଠିକ ଯେଉଁଠାରେ ପ୍ରଭୁ କହିଥିଲେ, ସେଠାରେ ସେହି ପଶୁଟି ରହିଥିଲା । ତେଣୁକରି ଯେତେବେଳେ ମୁଁ ଯାଇ ପଶୁଟିକୁ ଶିକାର କଲି, ଏବଂ ଯେତେବେଳେ ଆମେ ଚର୍ମ ଓ ଶିଙ୍ଗ ଏବଂ ଇତ୍ୟାଦି ସବୁ, ବାହାର କରୁଥିଲୁ, ସେ କହିଲେ, “ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ । ଆପଣ ତିନି ଦିନ ପୂର୍ବେ ମୋତେ କହିଥିଲେ, ଯେତେବେଳେ ଆମେମାନେ ସେହି—ସେହି ଶିବିର ଛାଡିଥିଲୁ, ଆପଣ ଏହି ନିର୍ଦ୍ଦିଷ୍ଟ ପଶୁକୁ ଗୁଳି କରିବା ପରେ, ଯେ ସେହି ରାସ୍ତାରେ ଫେରିବା ବେଳେ ଆପଣ ‘ଏକ ରୂପା-ନାକ ଥିବା ଗ୍ରୀଜଲି ଭାଲୁକୁ ମାରିବାକୁ ଯାଉଛନ୍ତି ।’”

ମୁଁ କହିଲି, “ତାହା **ସଦା ପ୍ରଭୁ ଏହି କଥା କୁହନ୍ତି ଅଟେ**!”

87 କହିଲେ, “ମୁଁ ସନ୍ଦେହ କରୁ ନାହିଁ,” ସେ କହିଲେ, “ଯେହେତୁ ମୋ ଭାଇ ଜଣେ ଅପସ୍ମାର ରୋଗୀ ଥିଲା, ଏବଂ ଆପଣ ନିଜ ଜୀବନରେ ତାଙ୍କୁ କେବେବି ଦେଖି ନ ଥିଲେ, ଯେତେବେଳେ ଆପଣ ଥରେ ଏଠାରେ ରହିଥିଲେ, ଏବଂ ଆପଣ ମୋତେ କହିଥିଲେ ଯେ ମୁଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କଲାବେଳେ ସେହି ବାଳକଟି ସୁସ୍ଥ ହେବାକୁ ଯାଉଅଛି । ଏବଂ ସେ ହୋଇଥିଲା ।” ସେ କହିଲେ, “ତେବେ, ମାତ୍ର, ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ,” ସେ କହିଲେ, “ମୁଁ ସେହି ପର୍ବତରୁ ଠିକ ତଳ ଯାଏଁ ଯେଉଁଠାରେକି ସେହି କାଠ କଟାଯିବାର ଜଙ୍ଗଲ ଅଛି ଦେଖିପାରେ, ସେହି ଘୋଡାଗୁଡ଼ିକ ଛିଡା ହୋଇଛନ୍ତି । ଏବଂ ସେଠାରେ କିଛି ହେଲେ ନାହିଁ । ସେଠାରେ ଘାସର ଏକ ଚିହ୍ନବର୍ତ୍ତ ନାହିଁ, ସେଠାରେ ଏକ ପଥର ନାହିଁ, ସେଠାରେ କିଛି

ହେଲେ ନାହିଁ ।" କେରିବୋ ଶିଉଳି, ଯାହାକି ପ୍ରାୟଃ ଦୁଇ ଇଞ୍ଚ ଉଚ୍ଚ ହୁଏ, କାଠ କଟାଯିବାର ଜଙ୍ଗଲର ଉପରେ, କାଠ କଟାଯିବାର ଜଙ୍ଗଲର ଉପରେ ଗୋଟିଏ ମାଇଲ୍ କିମ୍ବା ଅଧିକ ଉପରେ ହୋଇଥାଏ । କହିଲେ, "ସେହି ଭାଲୁଟି କେଉଁଠାରେ ହେବାକୁ ଯାଉଅଛି?"

88 ମୁଁ କହିଲି, "ପରମେଶ୍ୱର ହେଉଛନ୍ତି ଯିହୋବା-ଯିରୀ । ଯଦି ସେ ମୋତେ କହିଛନ୍ତି ଯେ ସେଠାରେ ଏକ ଭାଲୁ ରହିବ, ତେବେ ସେଠାରେ ଗୋଟିଏ ରହିବ ।"

89 ପର୍ବତ ତଳକୁ, ପ୍ରାୟଃ ପ୍ରତ୍ୟେକ ଥର ଯେତେବେଳେ ଆମେ ଅଧା ମାଇଲ୍ କିମ୍ବା ତାହାଠାରୁ ଅଧିକ, ନିକଟତର ହେଲୁ, ସେ କହିଲେ, "ଭାଇ ବ୍ରାନହାମ୍, ସେହି ଭାଲୁ ଦେଖାଯିବାର ସମୟ ବିଷୟରେ କିଛି ।"

ମୁଁ କହିଲି, "ବ୍ୟସ୍ତ ହୁଅ ନାହିଁ, ସେ ଏଠାରେ ରହିବ ।"

90 ଏବଂ ଯେତେବେଳେ ଆମେମାନେ ସେହି ଘୋଡାମାନେ ରହିଥିବା ସ୍ଥାନର ପ୍ରାୟଃ ପାଞ୍ଚଶହ ପାହା ମଧ୍ୟରେ ପହଞ୍ଚିଗଲୁ, ଆମକୁ ପୁଣିଥରେ ସେହି ଭାରି ଶିଙ୍ଗ ଏବଂ ଆମ ପିଠିରେ ଥିବା ଜିନିଷଗୁଡିକ ସହିତ ବିଶ୍ରାମ କରିବାକୁ ପଡିଥିଲା । ଏବଂ ସେ ପୁନର୍ବାର ଚାରିପାଖକୁ ଅନାଇଲେ, ଏବଂ ମୁଁ ତାଙ୍କ ମୁହଁକୁ ଚାହିଁଲି ଯେତେବେଳେ ସେ ମୋ ଆଡକୁ ଅନାଉଥିଲେ, ସତେ ଯେପରି ସେ ନିଜ ହୃଦୟରେ ଆଶ୍ଚର୍ଯ୍ୟ ହେଉଅଛନ୍ତି । ଦେଖନ୍ତୁ, ସେ *ଆଶା* କରିଥିଲେ ଯେ ତାହା ସେଠାରେ ରହିବ, ମାତ୍ର ତାଙ୍କ ପାଖରେ ଚାବି ନ ଥିଲା ।

91 ମାତ୍ର ଯେକୌଣସି ପ୍ରକାରେ ବି, ପରମେଶ୍ୱରଙ୍କ କୃପାରୁ, ସେ ମୋତେ କେବେବି ବିଫଳ କରି ନାହାଁନ୍ତି । ଯେତେବେଳେ ସେ ମୋତେ କହିଲେ ଯେ ସେଠାରେ ଏକ ରୂପା-ନାକ ଥିବା ଭାଲୁ ରହିବ, ତେବେ ମୋ ପାଖାରେ ଚାବି ଥିଲା । ମୁଁ ଏଥିରେ ଟିକେ ବି ସନ୍ଦେହ କଲି ନାହିଁ, ଟିକିଏ ବି ନୁହେଁ । ମୁଁ ତାଙ୍କ ଆଡ଼କୁ ବୁଲି ପଡ଼ିଲି, ଏବଂ ମୁଁ କହିଲି, "ବଡ୍, ଏହା ସେଠାରେ ରହିବ ।" ଏବଂ ଠିକ ମୁଁ ଯେତେବେଳେ ବୁଲି ପଡ଼ିଲି, ସେଠାରେ ସେହି ଭାଲୁ ରହିଥିଲା [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ଠିକ ଆମ ଉପରେ, ପ୍ରାୟଃ ଅଧା ମାଇଲ୍ ଉପରେ ଛିଡା ହୋଇଥିଲା ।

92 ସେ ଦୂରବିକ୍ଷଣ କାଞ୍ଚ ଲଗାଇ, ସେ କହିଲେ, "ବିଲି, ତେବେ ମୋତେ ସାହାଯ୍ୟ କର, ଏହା ଏକ ବଡ ରୂପା-ନାକ ଥିବା ଭାଲୁ ଅଟେ!"

93 ଦେଖନ୍ତୁ, ସେହି ଚାବି, ଏକ ଦର୍ଶନ, ପ୍ରଭୁଙ୍କର ବାକ୍ୟ, ଏହାକୁ କିଛି ହେଲେ ବିଷୟ ପରିବର୍ତ୍ତନ କରିପାରେ ନାହିଁ କିମ୍ବା ଏହାକୁ କ୍ଷାନ୍ତ କରିପାରେ ନାହିଁ । ଆଜି ରାତି ମଣ୍ଡଳୀକୁ ଯାହା ଆବଶ୍ୟକ ତାହା ଏକ ଶିକ୍ଷା ନୁହେଁ । ଆଜି ରାତି ମଣ୍ଡଳୀକୁ ଯାହା ଆବଶ୍ୟକ ତାହା ଏକ ନାମଧାରୀ ସଂସ୍ଥା ନୁହେଁ । ଆଜି ରାତି ମଣ୍ଡଳୀକୁ ଯାହା ଆବଶ୍ୟକ ତାହା ଧର୍ମମତ ନୁହେଁ । ଆଜି ରାତି ମଣ୍ଡଳୀକୁ ଯାହା ଆବଶ୍ୟକ ତାହା ହେଉଛି ସେହି ଶାସ୍ତ୍ର, ସେହି ଦ୍ୱାରର ଚାବି । ଯାହାକି, ଖ୍ରୀଷ୍ଟ ହେଉଛନ୍ତି ସେହି ଦ୍ୱାର, ଏବଂ ସେ ହେଉଛନ୍ତି ବାକ୍ୟ । ଜୀବନ୍ତ ପରମେଶ୍ୱରଙ୍କ ବାକ୍ୟରେ ବିଶ୍ୱାସ ପ୍ରତ୍ୟେକ ଦ୍ୱାରକୁ ଖୋଲି ଦେଇଥାଏ ।

ହେ ପରମେଶ୍ୱର, ଆମକୁ ସେହି ଚାବି ଦିଅ । ଆମକୁ ସେହି ଚାବି ଦିଅ ।

94 ଏବ୍ରୀ, ତାର 12ଶ ପର୍ବ, କୁହେ, "ସାକ୍ଷୀମାନଙ୍କର ଏତେ ବଡ଼ ଏକ ମେଘ ଦ୍ୱାରା ଆମେମାନେ ବେଷ୍ଟିତ ହୋଇଥିବାର ଦେଖି, ଆସନ୍ତୁ ଆମେମାନେ ସହଜରେ ବେଷ୍ଟନକାରୀ ପ୍ରତ୍ୟେକ ଭାରକୁ, ଏବଂ ଅବିଶ୍ୱାସକୁ ପୃଥକ୍ କରିବା ।" ଏହା କୁହେ "ପାପ," ଯାହାକି, *ପାପ* ହେଉଛି "ଅବିଶ୍ୱାସ ।" ବୁଝିଲେ? କେବଳ ଗୋଟିଏ ପାପ, ତାହା ହେଉଛି ଅବିଶ୍ୱାସ ।

95 ଏବଂ *ପାପ*ର ଅର୍ଥ ହେଉଛି "ସେହି ଚିହ୍ନକୁ ପାଇବାରେ ବିଫଳ ହେବା ।" ଯେପରିକି ଆପଣ ଗୁଳି ଚାଳନା କରନ୍ତି, ଆପଣ ସେହି ଚିହ୍ନକୁ ଗୁଳି କରିବାରେ ବିଫଳ ହୁଅନ୍ତି, ଉତ୍ତମ ହେବ ଯେ ନିଜର ବନ୍ଧୁକକୁ ଭଲ ଭାବରେ ସଜାଡନ୍ତୁ, ବୁଝିଲେ, କାରଣ ସେଠାରେ କିଛି ଗୋଟାଏ ଭୁଲ ଅଛି । ଆପଣ ସେହି ଚିହ୍ନକୁ ପାଇବାରେ ବିଫଳ ହେଲେ । ଦେଖନ୍ତୁ, ଫେରି ଆସନ୍ତୁ ଏବଂ ପୁନର୍ବାର ଚେଷ୍ଟା କରନ୍ତୁ । ବୁଝିଲେ? ଏହାର ଅର୍ଥ ବୁଲି ପଡ଼ିବା, ଆପଣ ସେହି ଚିହ୍ନକୁ ପାଇବାରେ ବିଫଳ ହୋଇଅଛନ୍ତି । ଯେତେବେଳେ ଆପଣ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହାଁନ୍ତି, ଏବଂ ଆପଣ ଯାଇ ମଣ୍ଡଳୀରେ ଯୋଗ ଦିଅନ୍ତି, ସେତେବେଳେ ଆପଣ ସେହି ଚିହ୍ନକୁ ପାଇବାରେ ବିଫଳ ହୋଇଥାନ୍ତି । ଯେତେବେଳେ ଆପଣ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହାଁନ୍ତି, ଏବଂ ଆପଣଙ୍କର "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ନାମରେ ଛିଞ୍ଚଣ ହୋଇଥାଏ, ସେତେବେଳେ ଆପଣ ସେହି ଚିହ୍ନକୁ ପାଇବାରେ ବିଫଳ ହୋଇଥାନ୍ତି । ଉତ୍ତମ ହେବ ଯେ ଆପଣ ଫେରି ଆସନ୍ତୁ । ଆପଣ ଲକ୍ଷ୍ୟଚିହ୍ନରେ ରହିବେ ନାହିଁ । ଆପଣ ସୁନିଶ୍ଚିତ ଭାବରେ ଜଗତ ପରି, ସେତିକି ବିଞ୍ଚି ହୋଇଯିବେ । ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହାକି ଆପଣଙ୍କୁ ସିଦ୍ଧ ଧାଡ଼ିରେ ଧରିପାରେ, ତାହା ହେଉଛି ଶାସ୍ତ୍ର, ସେହି ବାଇବଲ, ସେହି ବାକ୍ୟ । କାରଣ, ଉଭୟ ଆକାଶ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ପରମେଶ୍ୱରଙ୍କ ବାକ୍ୟ କଦାପି ଲୋପ ପାଇବ ନାହିଁ ।

96 ତେଣୁକରି, ସେହି ଚାବିକୁ, ବାକ୍ୟ ଉପରେ ବିଶ୍ୱାସକୁ ଧରି ରଖନ୍ତୁ! ଏବଂ ବିଶ୍ୱାସର ପ୍ରତ୍ୟେକ ଅଂଶ ଯାହା ଆପଣ ପ୍ରତ୍ୟୟ କରନ୍ତି, ଏବଂ ଟିକେ ହେଲେ ବି ସନ୍ଦେହ ନ କରନ୍ତି, ଆପଣ ସେହି ପ୍ରତ୍ୟେକ ଦ୍ୱାରକୁ ଖୋଲି ଦେଇପାରନ୍ତି ଯାହା ଆପଣଙ୍କ ଓ ସେହି ଆଶୀର୍ବାଦ ମଧ୍ୟରେ ଛିଡା ହୋଇଥାଏ ଯାହା ପରମେଶ୍ୱର ଆପଣଙ୍କ ପାଇଁ ରଖିଅଛନ୍ତି । ପରମେଶ୍ୱର ଆମକୁ ସେହି ଚାବି ପାଇବାରେ ସାହାଯ୍ୟ କରନ୍ତୁ, ତାହାହିଁ ମୋର ପ୍ରାର୍ଥନା । ଆସନ୍ତୁ ଆମେମାନେ ବର୍ତ୍ତମାନ ପ୍ରାର୍ଥନାର ଏକ ଶବ୍ଦ ପାଇଁ ମସ୍ତକଗୁଡିକୁ ନତ କରିବା ।

97 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଆଜି ରାତି ଆମେ ତୁମକୁ ଧନ୍ୟବାଦ କରୁଅଛୁ ଯେ ତୁମେ ଆମମାନଙ୍କ ପ୍ରତି ପରିତ୍ରାଣକୁ ଖୋଲିବା ପାଇଁ ଆମକୁ ଏକ ଚାବି ଦେଇଅଛ । ହେ ପ୍ରଭୁ, ତାହା ପାଇଁ ମୁଁ—ମୁଁ ତୁମକୁ ଧନ୍ୟବାଦ ଦେଉଅଛି, ଯେ ଆମେମାନେ ଉଦ୍ଧାର ପାଇଅଛୁ, ଏବଂ ସେହି ଚାବି ପାଇଁ ଯାହା ଆମେମାନେ ଏପର୍ଯ୍ୟନ୍ତ ବ୍ୟବହାର କରିବାରେ ସକ୍ଷମ ହୋଇଅଛୁ । ମାତ୍ର, ହେ ପରମେଶ୍ୱର, ଆମକୁ ବିଶ୍ୱାସ ଦିଅ, ଯେ ତୁମ ପୁସ୍ତକରେ ଲେଖାଯାଇଥିବା ଏହି

ବାକ୍ୟଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଛୋଟ ଛୋଟ ଖାଞ୍ଚା ଅଟେ, ଏବଂ ଏହି ଚାବିଟି ଯୀଶୁ ବୋଲି କୁହାଯାଏ…ଏହି ଦ୍ୱାର, ମୋର ଅର୍ଥ, ଯାହାଙ୍କୁ ଯୀଶୁ ବୋଲି କୁହାଯାଏ; ଏବଂ ବିଶ୍ୱାସ ନାମକ, ସେହି ଚାବି, ପ୍ରତ୍ୟେକ ବାକ୍ୟକୁ ସ୍ପର୍ଶ କରେ, ଏହା ତାହାକୁ ଖୋଲିଥାଏ । ଏହା ସେହି ଛୋଟ ଖାଞ୍ଚାକୁ ତଳକୁ କରିଥାଏ ଏବଂ ଆମେ ସେହି ଆଶୀର୍ବାଦରେ ପ୍ରବେଶ କରିପାରୁ । ସ୍ୱର୍ଗସ୍ଥ ପିତା, ଆମକୁ ସେହି ଚାବିଗୁଡିକୁ ପ୍ରଦାନ କର, ଯେପରିକି ଆମେ ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ବିଶ୍ୱାସ କରିବା ନିମନ୍ତେ ସମର୍ଥ ହୋଇପାରୁ, ଯେପରିକି ଆମର ବିଶ୍ୱାସ ବିଫଳ ନ ହୁଏ, ଯେପରି ଆମେ ତୁମ ପାଇଁ ଏବଂ ସେମାନଙ୍କ ପାଇଁ ଯେଉଁମାନଙ୍କ ସହିତ ଆମେ ଜଡିତ ସେମାନଙ୍କ ପାଇଁ ଏକ ସେବା ହୋଇପାରିବା ନିମନ୍ତେ ସମର୍ଥ ହୋଇପାରୁ ।

98 ହେ ପ୍ରଭୁ, ଆମର ଅବିଶ୍ୱାସର ପ୍ରତ୍ୟେକ ପାପକୁ କ୍ଷମା କର, ଏବଂ ତୁମର ହେବାରେ ଆମକୁ ସାହାଯ୍ୟ କର । ଆମେ ବର୍ତ୍ତମାନ ପ୍ରଭୁଭୋଜର ମେଜ ନିକଟକୁ ଆସୁଅଛୁ, ଏବଂ ମୁଁ ପ୍ରାର୍ଥନା କରୁଛି, ଯେ ହେ ସ୍ୱର୍ଗସ୍ଥ ପିତା, ତୁମେ ଆମର ସମସ୍ତ ଅପରାଧଗୁଡିକୁ କ୍ଷମା କରିବ, ଯେପରିକି ଆମେ ପରମେଶ୍ୱରଙ୍କ ମେଜର ଚାରିପାଖରେ ସହଭାଗୀତାର ଆନନ୍ଦ ମଧ୍ୟକୁ ପ୍ରବେଶ କରିବାକୁ ସମର୍ଥ ହୋଇପାରୁ । ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

99 ମୋ ଭାଇ, ଭଉଣୀ, ଯଦି ଆପଣଙ୍କ ପାଖରେ ସେହି ରାଜ୍ୟର ଚାବି ଅଛି, ସେହି ଦ୍ୱାରର ଚାବି, ପରିତ୍ରାଣର ସେହି ଚାବି ଅଛି, ତାହାହେଲେ ପରମେଶ୍ୱର ତୁମକୁ ସେହି ଦ୍ୱାରକୁ ଖୋଲିବା ପାଇଁ ସାହାଯ୍ୟ କରନ୍ତୁ ଏବଂ ଯୀଶୁ ଭିତରକୁ ଆସନ୍ତୁ । ଏହା ହେଉ ଯେ ସେ ତୁମକୁ ସେହି ଜିନିଷସବୁ ଦିଅନ୍ତୁ ଯାହା ତୁମେ ଅତିଶୟ—ଅତିଶୟ ଭାବରେ ଇଚ୍ଛା କର ।

100 ତେବେ, ଆମେମାନେ ପ୍ରଭୁଭୋଜ ଉପରେ ପାଠ କରିବାକୁ ଆରମ୍ଭ କରିବାର କିଛି କ୍ଷଣ ପୂର୍ବରୁ, ମୁଁ ଗୋଟିଏ କଥା କହିବାକୁ ଚାହେଁ ଯେହେତୁ ଏହା ପ୍ରଭୁଭୋଜ ଉପରେ ଅଟେ । ଏବଂ ଯେତେବେଳେ ଆମେମାନେ ଏହି ବେଦୀକୁ ଆସୁ, ସେଠାରେ ଆସିବାର କେବଳ ଗୋଟିଏ ହିଁ ଉପାୟ ଅଛି, ତାହା ହେଉଛି, ଯଦି ଆମେ ନିଜ ହାତରେ ବିଶ୍ୱାସର ସେହି ଚାବିକୁ ଧରିଥାଉ, ଯାହାକି ଆମକୁ ଏହା ଜାଣିବାକୁ ଦିଏ ଯେ ଆମର ପାପଗୁଡିକ କ୍ଷମା କରାଯାଇଅଛି । ଏବଂ ଯଦି ଆମ ପାଖରେ ସେହି ଦ୍ୱାରକୁ ଖୋଲିବା ପାଇଁ ସେହି ଚାବି ନାହିଁ, ଯେ ଆମର ପାପଗୁଡିକ କ୍ଷମା କରାଯାଇଅଛି, ତାହାହେଲେ ପ୍ରଭୁଙ୍କ ମେଜରେ ଆମର କୌଣସି ହେଲେ କାମ ନାହିଁ । କାରଣ, ଯିଏ ଅଯୋଗ୍ୟ ଭାବରେ ଭୋଜନ କରେ ଓ ପାନ କରେ, ସେ ପ୍ରଭୁଙ୍କ ଶରୀରକୁ ନ ବୁଝିପାରି, ନିଜକୁ ଦୋଷୀ କରିବା ନିମନ୍ତେ ଭୋଜନ କରେ ଓ ପାନ କରେ । ତେବେ, ତାହା ସତ ଅଟେ ।

101 ମୁଁ ଅନୁମାନ କରେ ଯେ ଆମେମାନେ ସମସ୍ତେ ଏହା ଜାଣୁ ଯେ ଆଜି ହେଉଛି ଜାତୀୟ ପ୍ରଭୁଭୋଜ ଦିବସ । ଏହା ହେଉଛି ସେହି ଦିନ ଯେଉଁ ଦିନ କି ସମସ୍ତ ମଣ୍ଡଳୀମାନ ପ୍ରଭୁଭୋଜ ଗ୍ରହଣ କରନ୍ତି । ଏହା ସମଗ୍ର ଦେଶରେ ଜାତୀୟ ପ୍ରଭୁଭୋଜ ଦିବସ ଅଟେ । ଏବଂ ମୁଁ ଭାବିଲି

ଯେ ପ୍ରଭୁଭୋଜ ନେବା ପୂର୍ବରୁ ଏହା ବିଷୟରେ ଗୋଟିଏ ବା ଦୁଇଟି କଥା କହିବା ଉପଯୁକ୍ତ ହେବ, ଯେତେବେଳେକି ପାଳକ ମହୋଦୟ, ଯଦି ସେ ଚାହିଁବେ, ତେବେ ପ୍ରଭୁଙ୍କ ମେଜର ସେହି କ୍ରମକୁ—ସେହି ଆଦେଶକୁ ପାଠ କରିବା ନିମନ୍ତେ ଶାସ୍ତ୍ରାଂଶ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ, ଏହି ପ୍ରଭୁଭୋଜ...ତେବେ, ମୁଁ ଅଧିକ ସମୟ ନେବି ନାହିଁ ମାତ୍ର ପ୍ରାୟଃ ଦଶ ମିନିଟ୍ କେବଳ ।

102 ଏହି ପ୍ରଭୁଭୋଜ ଯାହାକି ଆମେ ଗ୍ରହଣ କରିବାକୁ ସ୍ଥିର କରୁଅଛୁ, ତାହା ବାଇବଲରେ ଯେକୌଣସି ଶିକ୍ଷା ଅପେକ୍ଷା ସବୁଠାରୁ ବଡ ବିବାଦାସ୍ପଦ ଅଟେ । ତାହା ସେମାନଙ୍କର... ଆରମ୍ଭିକ ମଣ୍ଡଳୀରେ ସେମାନଙ୍କର ପ୍ରଥମ ବିବାଦ ମଧ୍ୟରୁ ଗୋଟିଏ ଥିଲା । ଏବଂ ଆଜି ଏପିସ୍କୋପାଲିଆନ୍ ଏବଂ ମେଥୋଡିଷ୍ଟର, ସେହି ପ୍ରୋଟେଷ୍ଟାଣ୍ଟ, ଏବଂ ଅନେକ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀମାନ, ଆନନ୍ଦ ସହକାରେ କ୍ୟାଥୋଲିକ୍, ରୋମାନ୍ କ୍ୟାଥୋଲିକ୍ ଶିକ୍ଷାକୁ ଗ୍ରହଣ କରି ନେବେ, ଯଦି ସେମାନେ ପ୍ରଭୁଭୋଜର ଅଳ୍ପ ଟିକିଏ ବାଧାକୁ ଅତିକ୍ରମ କରିପାରିବେ । ମାତ୍ର ସେମାନେ ଏଥିରେ ସହମତ ହେବେ ଯେ ଯାଜକ ବିବାହିତ ହୋଇ ସେବକ ହେବା ଉଚିତ୍, ଯାହାକି କ୍ୟାଥୋଲିକ୍ ମଣ୍ଡଳୀ ସେମାନଙ୍କର ସମ୍ମିଳନୀ ଏବଂ ସଭାଗୁଡ଼ିକରେ ଅନେକ ଥର ସେଥିରେ ସହମତ ହୋଇଥିଲା । ସେମାନେ ଏଥିରେ ସହମତ ହୋଇଛନ୍ତି । ଏବଂ ସେମାନେ ବିଭିନ୍ନ ପ୍ରାର୍ଥନା ଉପରେ ସହମତ ହେବେ, ଏବଂ ପ୍ରଭୃତି ସବୁରେ, ସେହି ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଏହା ଉପରେ ସହମତ ହେବ । ଏବଂ କ୍ୟାଟେକିଜିମ୍ ଓ ଇତ୍ୟାଦି ସବୁ, ଏଠାରେ ଏବଂ ସେଠାରେ ଥିବା ଛୋଟ ଛୋଟ ବେଦୀ, ଏବଂ କ୍ୟାଥୋଲିକ୍ ମଣ୍ଡଳୀ ଏହା କରିବାକୁ ଇଚ୍ଛୁକ ଅଟେ । ମାତ୍ର ଯେତେବେଳେ ତାହା ପ୍ରଭୁଭୋଜ କଥା ଆସେ, ସେଠାରେ ସେମାନେ ପଡ଼ି ଯାଆନ୍ତି । ଇତିହାସ ପଢ଼ିଥିବା ଯେକୌଣସି ବ୍ୟକ୍ତି ତାହା ଜାଣନ୍ତି । ମାତ୍ର, ଅବଶ୍ୟ, ମୋ ବିଚାର ଅନୁସାରେ, ସେମାନଙ୍କୁ ବହୁତ ବିଷୟଠାରୁ ଅଲଗା ହେବାକୁ ଅଛି, ଏହା ପୂର୍ବେକି ମୁଁ—ମୁଁ ଏହାକୁ ଗ୍ରହଣ କରିପାରିବି, ଆପଣ ଦେଖନ୍ତୁ, କାରଣ ଏହା ବାଇବଲ ନୁହେଁ ।

103 ମାତ୍ର ମୁଁ ଚାହେଁ ଯେ ଆପଣ କ୍ୟାଥୋଲିକ ମଣ୍ଡଳୀକୁ ଗୋଟିଏ କଥା କୁହନ୍ତୁ । କଅଣ ଆପଣମାନେ ଜାଣନ୍ତି ଯେ କ୍ୟାଥୋଲିକ୍ ମଣ୍ଡଳୀ, ଆରମ୍ଭରେ, ପ୍ରେରିତିକ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଥିଲା? ନିଶ୍ଚିତରେ ଥିଲା! ଏହା ମଣ୍ଡଳୀର ପ୍ରଥମ ଆରମ୍ଭ ଥିଲା । ଏବଂ ଆପଣମାନେ ଦେଖନ୍ତୁ ଯେଉଁଠାରେ ସେମାନେ—ଯେଉଁଠାରେ ସେମାନେ ପହଞ୍ଚିଲେ, ସେମାନେ ବାକ୍ୟକୁ ଓହରାଇ ଦେଇ ଏକ ମତବାଦକୁ ପୂରାଇବାକୁ ଲାଗିଲେ ।

104 ଏବଂ ଯଦି ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଆଉ ଏକ ଶହ ବର୍ଷ ବିଦ୍ୟମାନ ରହିବ, ତାହାହେଲେ ଏହା ବାଇବଲଠାରୁ ସେତିକି ଅଧିକ ଦୂରକୁ ଚାଲିଯିବ ଯେତିକି ଦୂର ଆଜି କ୍ୟାଥୋଲିକ୍ ମଣ୍ଡଳୀ ଅଛି ।

105 ଏହା କ୍ୟାଥୋଲିକ୍ ମଣ୍ଡଳୀକୁ ଏଥିରୁ ଦୂରେଇ ଯିବା ପାଇଁ ଅନେକ, ଶହ ଶହ ବର୍ଷ ଲାଗିଥିଲା, ତିନି ଶହ ବର୍ଷ ଲାଗିଥିଲା, ଆରମ୍ଭିକ ମଣ୍ଡଳୀରୁ ନେଇ ରୋମାନ୍ କ୍ୟାଥୋଲିକ୍ ମଣ୍ଡଳୀକୁ ସଂଗଠିତ ହେବା ପର୍ଯ୍ୟନ୍ତ, ଯାହା ସେମାନେ ଆରମ୍ଭ କରିଥିଲେ । ଏବଂ ସେମାନେ,

ବଡ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଏବଂ ଜିନିଷସବୁ ଆଣିବାରେ ଧରାପଡିଛନ୍ତି, ଏବଂ ସେମାନେ *ଏହା*କୁ କାଟି ବାହାର କରି ଦେଇ *ଏହା*କୁ ରଖି ଦେଇଛନ୍ତି, ଏବଂ *ଏହା*କୁ ବାହାର କରି *ତାହା*କୁ ଲଗାଇ ଦେଇଛନ୍ତି, ଏବଂ ମୂର୍ତ୍ତିପୂଜକ ପ୍ରତିମାଗୁଡିକୁ ଭାଙ୍ଗି ଖ୍ରୀଷ୍ଟିଆନ ପ୍ରତିମାଗୁଡିକୁ, ଏବଂ ପ୍ରଭୃତି ସବୁ ସ୍ଥାପନ କରିଛନ୍ତି, ଏବଂ ଠିକ ସେଥିରେ ଆପୋଷ ବୁଝାମଣା ଗ୍ରହଣ କରିଛନ୍ତି ଯେପର୍ଯ୍ୟନ୍ତକି ସେମାନେ ବର୍ତ୍ତମାନ ଅବସ୍ଥାକୁ ନ ଆସି ଯାଇଛନ୍ତି, ସେହି ରୋମାନ୍ କ୍ୟାଥୋଲିକ୍ ମଣ୍ଡଳୀ।

106 ଏବଂ ସେହି ପ୍ରୋଟେଷ୍ଟାଣ୍ଟ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ସେହି—ସେହି ପଚାଶ ବର୍ଷଠାରୁ ଯେତେବେଳେକି ଏହା ବିଦ୍ୟମାନ ରହିଥିଲା, ଏବଂ ଏହା ସେହି ସ୍ଥାନରୁ ପତିତ ହୋଇଥିଲା ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା, ଏହା ବର୍ତ୍ତମାନଠାରୁ ନେଇ ଶହେ ବର୍ଷ ମଧ୍ୟରେ, କ୍ୟାଥୋଲିକ୍ ମଣ୍ଡଳୀ ଅପେକ୍ଷା ଏକ ଖରାପ ଆବସ୍ଥାରେ ରହିବ। ତାହା ଠିକ୍। ଏହା କହିବା ଏକ ବଡ ଶବ୍ଦ ଅଟେ, ମାତ୍ର ଦେଖନ୍ତୁ ସେମାନେ କେଉଁଠାରୁ ପତିତ ହୋଇଛନ୍ତି। ସେମାନେ ଠିକ ସଂଗଠନ ମଧ୍ୟକୁ ଚାଲିଗଲେ, ସେମାନେ *ଏହି* ଏବଂ *ସେହି*, ଏବଂ ଅନ୍ୟାନ୍ୟ ସମସ୍ତ କିଛି ବିଷୟ ଉପରେ ଆପୋଷ ବୁଝାମଣା କରି ଚାଲିଗଲେ। ଏବଂ ସେମାନେ ସେଠାରେ ଯାଉଅଛନ୍ତି, ଦେଖନ୍ତୁ, ଠିକ୍ ପଛକୁ ଫେରି ଯାଉଛନ୍ତି।

107 କିନ୍ତୁ, *ପ୍ରଭୁଭୋଜ,* ଏହାକୁ କୁହାଯାଏ "ପ୍ରଭୁଙ୍କ ଭୋଜନ।" ତେବେ, ଅନେକ ଲୋକମାନେ, ସେମାନେ ଏହାକୁ ସକାଳେ ନେବାକୁ ଚାହାଁନ୍ତି। ବାଇବଲରେ ଏହା କୁହାଯାଏ ନାହିଁ ଯେ ଏହା ତାଙ୍କର *ଜଳଖିଆ* ଥିଲା। ଏବଂ କିପରି ଯେ ଏହି ଲୋକମାନେ ଆଜି, ସେମାନେ ଏପର୍ଯ୍ୟନ୍ତ ସୁଦ୍ଧା କିପରି "ପ୍ରଭୁଙ୍କ ଭୋଜନ" ବୋଲି କହିପାରନ୍ତି, ଏବଂ ସେମାନେ କରନ୍ତି ନାହିଁ। ସେମାନେ *ରାତ୍ରି ଭୋଜନ* କାଟି ବାହାର କରି ଦେଇଥାନ୍ତି, ଏବଂ ଏହାକୁ ଉଇହ୍ୟ କରି ଦେଇଥାନ୍ତି, ଏବଂ ଏହାକୁ "ରାତ୍ରି ଭୋଜନ" ବୋଲି କହିଥାନ୍ତି, ନିର୍ବୋଧତା। ରାତ୍ରି ଭୋଜନ!

108 ତେବେ, ବାଇବଲ ସମୟରେ ସର୍ବଦା ଏକ ବିବାଦ ରହିଥିଲା, ଏହା ସେତେବେଳେ ଏକ ବିବାଦ ଥିଲା। ଲୋକମାନେ ପ୍ରଭୁଙ୍କ ଭୋଜକୁ ଭୁଲ ବୁଝିଥିଲେ। ଯେତେବେଳେ ସେମାନେ ମେଜକୁ ଆସିଥିଲେ, ପାଉଲ ସେହି କରିନ୍ଥୀୟମାନଙ୍କୁ କହିଲେ, ସେମାନେ ଆସୁଥିଲେ ଓ ପ୍ରଭୁଙ୍କ ମେଜରେ ମଦ୍ୟପାନ କରୁଥିଲେ। ଦେଖନ୍ତୁ, ଏହାକୁ ଠିକ ସେତେବେଳେ ବି ଭୁଲ ବୁଝାଯାଇଥିଲା। ସେ କହିଲେ, "ଯଦି ଆପଣ ଭୋଜନ କରିବାକୁ ଚାହୁଁଛନ୍ତି, ତେବେ ଘରେ ଖାଆନ୍ତୁ।"

109 ଏବଂ ଆଉ ଏକ ବିଷୟ, ଏହାକୁ ଭୁଲ୍ ବୁଝା ଯାଇଥିଲା, ଯେ ଏହା କଅଣ ଥିଲା। ପାପୀମାନେ, ଏବଂ ପାପରେ ଲିପ୍ତ ରହିଥିବା ବ୍ୟକ୍ତି, ସେମାନେ ଆସି ପ୍ରଭୁଭୋଜ ଗ୍ରହଣ କରୁଥିଲେ। ଏବଂ ତାହା ଭୁଲ ବୁଝା ଯାଇଥିଲା। ଜଣେ ବ୍ୟକ୍ତି ତାର ମାଆ, ସାବତ ମାଆ ସହିତ ସହବାସ କରୁଥିଲା, ଏବଂ ମଣ୍ଡଳୀ ତାକୁ ସେହି ବିଷୟରେ କହିଥିଲା; ଆଉ ତଥାପି ମେଜରେ ପ୍ରଭୁଭୋଜ ଗ୍ରହଣ କରୁଥିଲା।

110 ଏବଂ ସେମାନଙ୍କ ମଧ୍ୟରେ ବିଭାଜନ ଥିଲା, ଏବଂ ସେମାନେ ତଥାପି ପ୍ରଭୁଭୋଜ ନେଉଥିଲେ। ସେ କହିଲେ, "ମୁଁ ବୁଝିପାରୁଛି ଯେ ତୁମେମାନେ ବାକି ବିଜାତୀୟମାନଙ୍କ ପରି ଗମନାଗମନ କରୁଅଛ। ଏବଂ ସେଠାରେ—ସେଠାରେ ତୁମମାନଙ୍କ ମଧ୍ୟରେ କଳି ଝଗଡା ରହିଛି, ଯେପରିକି ତାହା ବିଶେଷକରି କେଫାଙ୍କ ଘରେ—ଘରେ ରହିଥିଲା, ପ୍ରଭୃତି ସବୁ।" କହିଲେ, "ତୁମେ ବାକି ବିଜାତୀୟମାନଙ୍କ ପରି ଗମନାଗମନ କରୁଅଛ।" ଦେଖନ୍ତୁ, ଏହାକୁ ଭୁଲ ବୁଝା ଯାଇଥିଲା।

111 ପ୍ରଭୁଭୋଜକୁ ସର୍ବଦା ଭୁଲ ବୁଝା ଯାଇଅଛି। ତେବେ, ମୁଁ ଘଣ୍ଟା ଘଣ୍ଟା ଧରି ତାହା ଉପରେ କହିବା ଜାରି ରଖିପାରେ, ମାତ୍ର ଆମକୁ ଏହି ପ୍ରଭୁଭୋଜ ଏବଂ ପାଦ-ପ୍ରକ୍ଷାଳନ ସାରିବାକୁ ଅଛି। ତେବେ ସେମାନେ ପାଦ-ପ୍ରକ୍ଷାଳନଟିକୁ କେବଳ ସମ୍ପୂର୍ଣ୍ଣଭାବେ ଛାଡି ଦେଇଅଛନ୍ତି, ମାତ୍ର କେବଳ ଅଳ୍ପ କିଛି ନାମଧାରୀ ସଂସ୍ଥାମାନ। ଅନେକ ପେଣ୍ଟିକଷ୍ଟାଲ୍‌ମାନେ ଏଥିରୁ ସମ୍ପୂର୍ଣ୍ଣଭାବେ ଦୂରେଇ ଯାଇଛନ୍ତି। ବୁଝିଲେ? ଏବଂ ତଥାପି ଏହା ବାଇବଲରେ ସେହିପରି ଅଛି ଯେପରିକି ଏହା ଲେଖାଯାଇଥିଲା। ବୁଝିଲେ?

112 ତେବେ, ରୋମ୍ ଏହାକୁ "ପ୍ରଭୁଭୋଜ" ବୋଲି କୁହେ ନାହିଁ। ସେମାନେ ଏହାକୁ "ମାସ୍, ଏହା ଏକ ପବିତ୍ର ମାସ୍" ବୋଲି କୁହନ୍ତି। ସେମାନେ ପ୍ରଭୁଭୋଜ ଗ୍ରହଣ କରନ୍ତି ନାହିଁ, ସେମାନେ ଏକ ମାସ୍ ନିଅନ୍ତି। ଏହା ଏକ ମାସ୍ ଅଟେ, ଏବଂ ଏକ ମାସ୍ ନିଶ୍ଚିତ ଭାବରେ ପ୍ରଭୁଭୋଜରୁ ସେହି ପ୍ରକୃତ ଅର୍ଥକୁ ନେଇଥାଏ। ଏକ *ମାସ୍*ର ଅର୍ଥ "ଆଶା କରିବା।" ସେମାନେ ଏକ ମାସ୍ ଗ୍ରହଣ କରନ୍ତି, ଏହା ଆଶା କରି (ଯେ ଏହି ମାସ୍‌ରେ ତାହା କରିବା ଦ୍ୱାରା) ଯେ ପରମେଶ୍ୱର ସେମାନଙ୍କୁ ସେମାନଙ୍କର ପାପରୁ କ୍ଷମା କରି ଦେବେ, ଖ୍ରୀଷ୍ଟଙ୍କର ସେହି "ଆକ୍ଷରିକ ଶରୀରକୁ ଗ୍ରହଣ କରିବା ଦ୍ୱାରା, ଯାହାକୁ ସେହି ଯାଜକ ଶରୀରରେ ଓ ଖ୍ରୀଷ୍ଟଙ୍କ ରକ୍ତରେ ପରିଣତ କରନ୍ତି," ତାହା କରି, ଆଶା କରନ୍ତି ଯେ ପରମେଶ୍ୱର ସେମାନଙ୍କର ପାପଗୁଡିକୁ ଉଇହ୍ୟ କରିଦେବେ। ଏହା ଏକ ମାସ୍ ଅଟେ।

113 ପ୍ରୋଟେଷ୍ଟାଣ୍ଟମାନେ ଏହାକୁ "ପ୍ରଭୁଭୋଜ" ବୋଲି କୁହନ୍ତି। ପ୍ରଭୁଭୋଜର ଅର୍ଥ "ଧନ୍ୟବାଦ" ଦେବା। ଯାହାକୁ ପ୍ରୋଟେଷ୍ଟାଣ୍ଟ...କ୍ୟାଥୋଲିକ୍ ଏକ ମାସ୍‌କୁ ଗ୍ରହଣ କରୁଛନ୍ତି, ସେହି ମାସ୍‌ରେ ଏହା ଆଶା କରି ଯେ ପରମେଶ୍ୱର ସେମାନଙ୍କୁ ସେମାନଙ୍କର ମନ୍ଦ କାର୍ଯ୍ୟରୁ କ୍ଷମା କରି ଦେବେ। ପ୍ରୋଟେଷ୍ଟାଣ୍ଟ ଏହାକୁ ସେହି ବିଷୟ ନିମନ୍ତେ ଧନ୍ୟବାଦ ଦେଇ ଗ୍ରହଣ କରିଥାଏ ଯାହା ପରମେଶ୍ୱରଙ୍କ ସହ ପ୍ରଭୁଭୋଜରେ କରା ଯାଇସାରିଛି; ତାହାଙ୍କ ସହିତ ସହଭାଗୀତା କରୁଥାଏ, ଯେ ଏହା ତ ଆଗରୁ କରା ଯାଇସାରିଛି। କ୍ୟାଥୋଲିକ୍ ଏହା ଆଶା କରୁଛି ଯେ ଏହା କରା ଯାଇଥାଏ; ପ୍ରୋଟେଷ୍ଟାଣ୍ଟ କୁହେ ଯେ ଏହା ତ କରା ଯାଇସାରିଛି। କ୍ୟାଥୋଲିକ୍ ଆଶ୍ଚର୍ଯ୍ୟ କରୁଥାଏ ଯେ ତାର ପାପ କ୍ଷମା କରାଯାଇଛି କି ନାହିଁ; ପ୍ରୋଟେଷ୍ଟାଣ୍ଟ ତ ଏହା ସ୍ୱୀକାର କରୁଥାଏ ଯେ ସେମାନେ କ୍ଷମା କରା ଯାଇଅଛନ୍ତି, ଯେ ସେ ମୁକ୍ତ ଅଟନ୍ତି। ଏବଂ ଏକ ପ୍ରଭୁଭୋଜ ପରମେଶ୍ୱରଙ୍କ ସହିତ ସହଭାଗୀତା କରିବା ଅଟେ। ଏବଂ ଏହି ବିଷୟଗୁଡିକ ଯାହା ଆମେମାନେ ନେଇ ଥାଉ, ଏହା *ଆଶା* କରି ନୁହେଁ ଯେ ଆମର ପାପଗୁଡିକ କ୍ଷମା

କରାଯାଏ, ମାତ୍ର ସେଗୁଡିକ କ୍ଷମା *କରାଯାଇଅଛି* । କାରଣ ଏହା...ଗୋଟିଏ ହେଉଛି ଆଶା; ଅନ୍ୟଟି ହେଉଛି ବିଶ୍ୱାସ । ଜଣେ ଆଶା କରୁଛନ୍ତି ଯେ ସେ ଠିକ୍ ଅଟନ୍ତି; ଏବଂ ଅନ୍ୟ ଜଣକ ଜାଣନ୍ତି ଯେ ସେ ଠିକ୍ ଅଟନ୍ତି । ବୁଝିଲେ? ସେହି ଅନ୍ୟଟି, ଜଣେ ଆଶା କରୁଛି, କାରଣ ସେ ଜାଣନ୍ତି ନାହିଁ ସେ କେଉଁଠାରେ ଛିଡା ହୋଇଅଛନ୍ତି; ଅନ୍ୟ ଜଣକ ଜାଣନ୍ତି ଯେ ସେ ଠିକ୍ ଅଟନ୍ତି, କାରଣ ପରମେଶ୍ୱର ଯାହା କହିଛନ୍ତି ସେ ତାହା ଜାଣେ । ତାହାହିଁ ହେଉଛି ଏହା । ତାହାହିଁ ସେହି ପାର୍ଥକ୍ୟ ଅଟେ । ତେଣୁକରି, ଯେତେବେଳେ ଆପଣ କେବଳ ଆଶା କରୁଥାନ୍ତି, ସେତେବେଳେ ସାବଧାନ ରୁହନ୍ତୁ; ମାତ୍ର ଯେତେବେଳେ ଆପଣ ଜାଣନ୍ତି, ସେତେବେଳେ ଆଗକୁ ବଢି ଚାଲନ୍ତୁ । ଦେଖନ୍ତୁ, ସେତେବେଳେ ଆପଣ ପରମେଶ୍ୱରଙ୍କ ସହ ସହଭାଗୀତାରେ ଥାଆନ୍ତି । ପ୍ରୋଟେଷ୍ଟାଣ୍ଟ ହେଉଛି, ସେ କୁହେ ଯେ ତାଙ୍କୁ କ୍ଷମା କରାଯାଇଛି ଏବଂ ସେ ଏହା ଜାଣେ; କ୍ୟାଥୋଲିକ ପାଖରେ ମାସ୍ ଅଛି, ଏହା ଆଶା କରେ ଯେ ତାଙ୍କୁ କ୍ଷମା କରାଯିବ । ଏହା ଠିକ୍ ଏହିପରି ଅଟେ: ଜଣେ ଭିକାରୀ ଅଟେ, ଏହା ଆଶା କରୁଥାଏ ଯେ ସବୁକିଛି ଠିକ୍ ଅଛି, ଦେଖନ୍ତୁ; ଅନ୍ୟଟି ହେଉଛି ଗୋଟିଏ ଭିକାରୀ ଯିଏକି ସେହି ବିଷୟ ପାଇଁ ଧନ୍ୟବାଦ ଦେଉଥାଏ ଯାହା ପୂର୍ବରୁ କରା ଯାଇସାରିଛି । ସେମାନେ ଦୁହେଁ ଭିକାରୀ ଅଟନ୍ତି । ମାତ୍ର ଜଣେ ଭିକ ମାଗୁଅଛି, ଏହି ଆଶାରେ ଯେ ସେ ତାହା ପାଇଯିବ; ଅନ୍ୟ ଭିକାରୀଟି ଜାଣେ ଯେ ସେ ତାହା ପାଇଅଛି, ଏବଂ ତାହା ଦେଇଥିବାରୁ ସେ ତାହାଙ୍କୁ ଧନ୍ୟବାଦ ଦେଇଥାଏ । ତେବେ, ସେଠାରେ ସେହି ପାର୍ଥକ୍ୟ ଅଛି । ତାହା ହେଉଛି ପ୍ରଭୁଭୋଜ । ହଁ, ମହାଶୟ । ଜଣେ ଆଶା କରୁଛି ଯେ ତାଙ୍କୁ କ୍ଷମା କରାଯାଇଅଛି; ଅନ୍ୟ ଜଣେ ଜାଣେ ଯେ ତାଙ୍କୁ କ୍ଷମା କରାଯାଇଛି, ଏବଂ ତାହା ପାଇଁ ଧନ୍ୟବାଦ ଦେଉଥାଏ ।

114 ତେଣୁକରି, ପ୍ରଭୁଭୋଜ ସେହି ଖ୍ରୀଷ୍ଟିଆନମାନଙ୍କ ପାଇଁ ଅଟେ ଯେଉଁମାନେକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜନ୍ମ ପାଇଅଛନ୍ତି । ଏବଂ *ନୂତନ ଜନ୍ମ* ହେବାର ଅର୍ଥ ସଦାବେଳେ ଏହା ନୁହେଁ ଯେ ବର୍ତ୍ତମାନ ଆପଣମାନେ ପବିତ୍ରଆତ୍ମା ପାଇଗଲେ । ତେବେ ମନେରଖନ୍ତୁ । ତେବେ, ଅନେକେ ତାହା ଶିକ୍ଷା ଦିଅନ୍ତି । "ମୁଁ ଏପରି କାହାରିକୁ ଜାଣେ ନାହିଁ ଯିଏକି ଏହାକୁ ଏହିପରି ଭାବରେ ଶିକ୍ଷା ଦିଅନ୍ତି," ଯେପରିକି ବୃଦ୍ଧ ଭାଇ ଆର୍ଗାନବ୍ରାଇଟ୍ ସେହି ରାତି ଏଠାରେ ପ୍ରଚାର ମଞ୍ଚରୁ କହିଥିଲେ, ଦେଖନ୍ତୁ । ମାତ୍ର, ନୂତନ ଜନ୍ମ ତ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ନୁହେଁ । ଦେଖନ୍ତୁ, ଶାସ୍ତ୍ର ଏହାକୁ ସେପରି ଭାବରେ ସମର୍ଥନ କରେ ନାହିଁ, ଏହାକୁ ମୋର ଦେଖିବାର ଉପାୟରେ, ମୁଁ ସେହିପରି ଭାବୁ ନାହିଁ । ବୁଝିଲେ? ମୁଁ ବିଶ୍ୱାସ କରେ ଯେ ଆପଣ ନୂତନ ଜନ୍ମ ପାଇଥାନ୍ତି...

115 ଏବଂ ସେହି କାରଣରୁ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଶବ୍ଦକୁ ବ୍ୟବହାର କରିଥାଏ, ମାତ୍ର ପୁନର୍ଜୀବନ ପାଇଁ ନୁହେଁ । ତେବେ, ସେହି ପେଣ୍ଟିକଷ୍ଟାଲ୍, ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ, ପୁନର୍ଜୀବନ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦିଅନ୍ତି । ମୁଁ ତାହା ବିଶ୍ୱାସ କରେ ନାହିଁ । ଏବଂ ସେମାନେ ତାହା କରିପାରନ୍ତି ଯଦି ସେମାନେ ତାହା ଚାହାଁନ୍ତି । ମାତ୍ର ମୁଁ ବିଶ୍ୱାସ କରେ ଯେ ପିତର କହିଥିଲେ, "ମନଫେରଣ," ପ୍ରଥମେ । ଜଳ ପାପ କ୍ଷମା କରେ

ନାହିଁ । ଚର୍ଚ୍ଚ ଅଫ କ୍ରାଇଷ୍ଟ ସଂସ୍ଥା ଏହାକୁ ସେହିପରି ଭାବରେ ପ୍ରଚାର କରନ୍ତି । ମାତ୍ର ମୁଁ ବିଶ୍ୱାସ କରେ ଯେ ମନଫେରଣ, ଈଶ୍ୱରୀୟ ଦୁଃଖ; *ମନଫେରଣ* ଅର୍ଥ "ଘୁରି ପଡିବା, ଫେରି ଯିବା," ଆପଣ ସେହି ଚିହ୍ନକୁ ହରାଇଥିଲେ, "ପୁନର୍ବାର ଆରମ୍ଭ କରନ୍ତୁ ।" ପ୍ରଥମେ ତାହା କରନ୍ତୁ! ଏବଂ ଜଳରେ ଆପଣଙ୍କର ବାପ୍ତିସ୍ମ କେବଳ ତାହାର ଏକ ବାହ୍ୟ ପ୍ରକଟୀକରଣ ଅଟେ ଯାହା ଆପଣଙ୍କ ଭିତରେ କାର୍ଯ୍ୟ କରାଯାଇଅଛି, ଯେ ଆପଣ ଖ୍ରୀଷ୍ଟଙ୍କୁ ନିଜାର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି ।

116 ମୁଁ ଅନୁମାନ କରେ ଯେ ଆଜି ରାତି ଏଠାରେ ଏହା କେବଳ ମଣ୍ଡଳୀ ଅଟେ, ଯେତେ ଦୂର ମୁଁ ଜାଣେ, ମୁଁ ଏଠାରେ ତାହା ଜାଣିବା ହେତୁ ନୁହେଁ ଯେ କିଏ ଆସେ କିମ୍ବା କିଏ ନାହିଁ । କିଛି ଦିନ ପୂର୍ବରୁ ଏଠାରେ ସେହି ପୁଷ୍କରିଣୀରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ, ବାପ୍ତିସ୍ମ ଦେଇଥିବା ବିଷୟକୁ ନେଇ ମୋତେ ଅଳ୍ପ ଟିକିଏ ସମାଲୋଚନା ମିଳିଥିଲା । ଏବଂ ମୁଁ ତାଙ୍କ ପାଖକୁ ଗଲି, ସେ ଜଣେ ଭଲ ବୃଦ୍ଧ ବ୍ୟକ୍ତି ଥିଲେ । ମୋତେ ତାଙ୍କର ସମସ୍ତ ପରିବାରବର୍ଗକୁ ଖ୍ରୀଷ୍ଟଙ୍କ ନିକଟକୁ କଢାଇ ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା, ସେମାନେ ସମସ୍ତେ ଖ୍ରୀଷ୍ଟିଆନ ଅଟନ୍ତି । ଏହି ବୃଦ୍ଧ ବ୍ୟକ୍ତି ଜଣକ ଜଣେ ଉତ୍ତମ ବୃଦ୍ଧ ବ୍ୟକ୍ତି ଥିଲେ, ଏବଂ ମୁଁ ତାଙ୍କୁ ପସନ୍ଦ କରୁଥିଲି, ତେଣୁ ମୁଁ ତାଙ୍କ ପାଖକୁ ଗଲି ଓ ତାଙ୍କୁ କହିଲି, "ପାପା, ତୁମେ କାହିଁକି ଜଣେ ଖ୍ରୀଷ୍ଟିଆନ ହୋଇ ଯାଉନାହଁ?" ସେ ମୋତେ ଭଲ ପାଆନ୍ତି ।

117 ସେ କହିଲେ, "ଭାଇ ବ୍ରାନହାମ୍, ଯେତେବେଳେ ମୁଁ ଯଥେଷ୍ଟ ଭଲ ପାଇପାରିବି ସେତେବେଳେ ମୁଁ ଖ୍ରୀଷ୍ଟିଆନ ହେବି ।"

118 ମୁଁ କହିଲି, "ମୁଁ ଆପଣଙ୍କୁ କହୁଛି ଆପଣ କଅଣ କରିବେ, ପାପା । ଆପଣ ଚାରିଆଡ଼େ ଅନାନ୍ତୁ ଯେପର୍ଯ୍ୟନ୍ତକି ଆପଣ ସେହି ସ୍ଥାନକୁ ପାଇ ନ ଯାଆନ୍ତି ଯେଉଁଠାରେକି ଆପଣ ଯଥେଷ୍ଟ ଭଲ ପାଇପାରନ୍ତି, ତାହାପରେ ମୋତେ କୁହନ୍ତୁ ସେହି ସ୍ଥାନଟି କେଉଁଠାରେ ଅଛି, ମୁଁ ମଧ୍ୟ ସେଠାକୁ ଯିବାକୁ ଚାହିଁବି ।" ମୁଁ କହିଲି, "ଖ୍ରୀଷ୍ଟ କେବେବି ଭଲ ମଣିଷକୁ ଉଦ୍ଧାର କରିବାକୁ ଆସି ନ ଥିଲେ । ସେ ତ ଖରାପ ଲୋକକୁ ଉଦ୍ଧାର କରିବାକୁ ଆସିଥିଲେ ।" ଯେତେବେଳେ ଆପଣ ଭାବନ୍ତି ଯେ ଆପଣ ଭଲ ଅଟନ୍ତି, ତେବେ ସେ ଆପଣଙ୍କୁ ଉଦ୍ଧାର କରିବାକୁ ଆସି ନ ଥିଲେ । ସେ ତ ସେମାନଙ୍କୁ ଉଦ୍ଧାର କରିବାକୁ ଆସିଥିଲେ ଯେଉଁମାନଙ୍କୁ ସେ ଖରାପ ବୋଲି ଜାଣିଥିଲେ । ବୁଝିଲେ? ଖ୍ରୀଷ୍ଟ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ମୃତ୍ୟୁବରଣ କରିଥିଲେ । ବୁଝିଲେ? ଏବଂ ମୁଁ କହିଲି, "ପାପା, ଠିକ ସେଠାରେ ଏକ ରେଖା ଅଛି ।"

ସେ କହିଲେ, "ତେବେ, ମୁଁ ଏହି ସିଗାରେଟ୍ ଟାଣିଥାଏ ।"

ମୁଁ କହିଲି, "ମୁଁ ତ ଏପରିକି ସେମାନଙ୍କ ବିଷୟରେ କଥାବାର୍ତ୍ତା ସୁଦ୍ଧା କରିବାକୁ ଯାଉ ନାହିଁ ।"

ସେ କହିଲେ, "ମୁଁ ସେଗୁଡିକୁ ଛାଡିବାକୁ ଚେଷ୍ଟା କରିଛି, ଭାଇ ବ୍ରାନହାମ୍ ।"

ମୁଁ କହିଲି, "ଠିକ ଅଛି, ଆମେ ସିଗାରେଟ୍ ବିଷୟରେ କଥା ହେବାକୁ ଯାଉ ନାହୁଁ ।"

ସେ କହିଲେ, "ତେବେ, ଯେତେବେଳେ ମୁଁ ପାରିବି…"

119 ମୁଁ କହିଲି, "ସେଗୁଡିକ ବିଷୟରେ ଆଉ ଅଧିକ କିଛି କୁହନ୍ତୁ ନାହିଁ—ନାହିଁ, ସେମାନଙ୍କୁ ଛାଡି ଦିଅନ୍ତୁ । ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ ।"

ସେ କହିଲି, "ଠିକ ଅଛି, ତାହା କଅଣ?"

ମୁଁ କହିଲି, "କଆାଣ ଆପଣ ବିଶ୍ୱାସ କରନ୍ତି ଯେ ଜଣେ ପରମେଶ୍ୱର ଅଛନ୍ତି?"

120 କହିଲେ, "ନିଶ୍ଚିତ ଭାବରେ, ମୁଁ ଏହା ବିଶ୍ୱାସ କରେ ।" କହିଲେ, "ମୁଁ ଭାବୁଛି, ଆପଣ ଯେତିକି ଶକ୍ତିଶାଳୀ ଭାବରେ ବିଶ୍ୱାସ କରନ୍ତି, ମୁଁ ମଧ୍ୟ ସେତିକି ବିଶ୍ୱାସ କରେ, ଭାଇ ବ୍ରାନହାମ୍ ।"

121 ମୁଁ କହିଲି, "କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ସେହି ସମାନ ପରମେଶ୍ୱର ତାଙ୍କ ଜାତିକୁ ଅତିକ୍ରମ କରି ଦେହବନ୍ତ ହେଲେ ଓ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ଆମମାନଙ୍କ ମଧ୍ୟରେ ବାସ କଲେ, ଯେପରିକି ମନୁଷ୍ୟକୁ ଉଦ୍ଧାର କରାଯାଏ?"

ସେ କହିଲେ, "ହଁ, ମୁଁ ତାହା ବିଶ୍ୱାସ କରେ ।"

"ଏବଂ ସେ ଆପଣଙ୍କ ପରି ଓ ମୋ ପରି ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ମୃତ୍ୟୁବରଣ କରିଥିଲେ?" ବୁଝିଲେ?

"ହଁ, ମୁଁ ତାହା ବିଶ୍ୱାସ କରେ ।"

122 ମୁଁ କହିଲି, "ତେବେ, ଏହା ଠିକ୍ ଏହିପରି ଅଟେ । ଆମେମାନେ ସମସ୍ତେ ଏଠାରେ ଗୋଟିଏ ବଡ ଭବନରେ ଅଛୁ, ଏବଂ ଆମେମାନେ କାରାଗୃହରେ ଅଛୁ, ଏବଂ ମୁଁ ଏହି କୋଣରେ ଛିଡା ହୋଇ ଏହା କହିପାରେ ନାହିଁ ଯେ '*ଏହା* ମୋତେ କାରାଗୃହରୁ ବାହାରିବାରେ ସାହାଯ୍ୟ କରିବ,' ମୁଁ ସେହି କୋଣରେ ଛିଡା ହୋଇ ଏହା କୁହେ ଯେ '*ତାହା* ମୋତେ କାରାଗୃହରୁ ବାହାରିବାରେ ସାହାଯ୍ୟ କରିବ,' ଆମେମାନେ ସମସ୍ତେ ତ ସେହି ସମାନ ସ୍ଥିତିରେ ଅଛୁ । ଏବଂ ଏହି ଜଗତରେ ଜନ୍ମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ପାପରେ ଜନ୍ମ ହୋଇଥିଲେ, ଅଧର୍ମରେ ଗଢା ହୋଇଥିଲେ, ମିଥ୍ୟା କହି ଜଗତକୁ ଆସିଥିଲେ । ସେ ତ ଆରମ୍ଭରୁ ହିଁ, ଜଣେ ବିଦ୍ରୋହୀ ଅଟେ ।"

123 ଅନ୍ୟ ଦିନ କେହି ଜଣେ ପଚାରିଲେ, ସେ କହିଲେ, "ଭାଇ ବ୍ରାନହାମ୍, ଯଦି…କଅଣ ଆଦମ ଏବଂ ହବା ମଧ୍ୟରେ, ଏବଂ ଆଜି ସେମାନଙ୍କର ପିଲାମାନେ ମଧ୍ୟରେ କୌଣସି ପାର୍ଥକ୍ୟ ହେବ କି, ଯଦି ସେମାନେ ସମସ୍ତେ ଉଲଗ୍ନ ଥିଲେ, ଚଲାବୁଲା କରୁଥିଲେ…କଅଣ ସେମାନଙ୍କର ଶରୀର ସମାନ ହେବ—ହେବ କି?"

124 ମୁଁ କହିଲି, "ନା, ଆଜ୍ଞା ।" ଆମେମାନେ ଗୁଣ୍ଡୁଚି ମୂଷା ଶିକାରରୁ ଘରକୁ ଫେରୁଥିଲୁ, ଭାଇ ଫ୍ରେଡ୍ ଏବଂ ମୁଁ, ଏବଂ ସେମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ । ମୁଁ କହିଲି, "ନା, ସେମାନେ ସମାନ ହେବେ ନାହିଁ ।"

125 କହିଲେ, "ଆପଣଙ୍କର ଅର୍ଥ ଏହା ଯେ ହବା ନିଜ ଝିଅମାନଙ୍କ ପରି ଜଣେ ନାରୀ ହେବେ ନାହିଁ, ଏବଂ ଆଦମ ତାଙ୍କ ପୁଅମାନଙ୍କ ପରି ଜଣେ ପୁରୁଷ ହେବେ ନାହିଁ?"

ମୁଁ କହିଲି, "ଅନେକ କ୍ଷେତ୍ରରେ ହେବେ, ମାତ୍ର ସମସ୍ତ ଶାରୀରିକ ଦୃଷ୍ଟିରୁ ନୁହେଁ।"

ସେ କହିଲେ, "ପାର୍ଥକ୍ୟ କଅଣ ହେବ?"

126 ମୁଁ କହିଲି, "ସେମାନଙ୍କର କୌଣସି ନାଭି ରହିବ ନାହିଁ। ସେମାନେ ତ ସୃଷ୍ଟି କରାଯାଇଥିଲେ। ଠିକ୍। ସେମାନେ କୌଣସି ବିଷୟ ସହିତ ସଂଲଗ୍ନ ନ ଥିଲେ।"

127 ଯେପର୍ଯ୍ୟନ୍ତ ସେଠାରେ ସମସ୍ତ ବିଷୟ ଉପରେ ତାହା ସେହି ଚିହ୍ନକୁ ଧାରଣ କରିଥାଏ ଯେ ତାହା ଏହି ଜଗତରେ ଜନ୍ମ ହୋଇଅଛି, ତାହା ଏହା ଦର୍ଶାଏ ଯେ ଏହା ତ ଆରମ୍ଭରୁ ହିଁ, ଏକ ବିଦ୍ରୋହୀ ଅଟେ। ତାହା ଠିକ୍। ମୁଁ କହିଲି, "ନିଶ୍ଚିତରେ, ସେଠାରେ ଏକ ପାର୍ଥକ୍ୟ ଅଛି। ସେମାନଙ୍କର କୌଣସି ନାଭି ରହିବ ନାହିଁ। ଏଠାକୁ ଆସିବା ପାଇଁ ସେମାନେ କୌଣସି ସ୍ତ୍ରୀ ସହିତ, ସଂଯୁକ୍ତ ନ ଥିଲେ।" ଦେଖନ୍ତୁ, ପରମେଶ୍ୱର ସେମାନଙ୍କୁ ସୃଷ୍ଟି କରିଥିଲେ।

128 ତେବେ, ମୁଁ କହିଲି, "ମୁଁ କିଛି କହିବାକୁ ଚାହେଁ। ଏହି କାରାଗାରରେ ଥିବା ପ୍ରତ୍ୟେକ ବ୍ୟକ୍ତି, କିଏ ପବିତ୍ର ଅଟେ? କିଏ ସେହି ଜଣକ ଯିଏକି ଯୌନ କ୍ରିୟା ଦ୍ୱାରା ଜନ୍ମ ହୋଇ ନାହିଁ? ସେହି ଜଣକ କିଏ ଅଟେ ଯିଏକି ଅନ୍ୟ ଜଣକର ସାହାଯ୍ୟ କରିପାରେ, ଯାଏ ଆସେ ନାହିଁ ଯେ ସେ କଅଣ ଅଟେ? ଆମେମାନେ ସମସ୍ତେ ତ ଏହି ସମାନ କାରାଗାରରେ ଅଛୁ। ମାତ୍ର ପରମେଶ୍ୱର ଆପଣାକୁ ତାହାଙ୍କର ସୃଷ୍ଟି ମଧ୍ୟରୁ ଗୋଟିଏ କଲେ ଏବଂ ଯୌନ କ୍ରିୟାରୁ ବାହାରେ, ସେ ନିଜେ ସୃଷ୍ଟି କରିଥିବା ପବିତ୍ର ରକ୍ତ ମାଧ୍ୟମରେ ଆସିଥିଲେ, ଏବଂ ସେହି ରକ୍ତ ମାଧ୍ୟମରେ ସେ ଆମକୁ ମୁକ୍ତ କଲେ।" ମୁଁ କହିଲି, "କଅଣ ଆପଣ ତାହା ବିଶ୍ୱାସ କରୁଛନ୍ତି, ପାପା?"

ସେ କହିଲେ, "ମୁଁ ତାହା ବିଶ୍ୱାସ କରେ।"

129 ମୁଁ କହିଲି, "ଖ୍ରୀଷ୍ଟ ଆପଣଙ୍କ ପରି ଖରାପ ଲୋକ ପାଇଁ ମୃତ୍ୟୁବରଣ କଲେ। ତେବେ, ସେଠାରେ କରିବା ନିମନ୍ତେ କେବଳ ଗୋଟିଏ ଉପାୟ ଅଛି। ଏପରି କିଛି ନାହିଁ ଯାହା ଆପଣ କରିପାରନ୍ତି। ସେ ଆପଣଙ୍କୁ ଏହା ଦେଉଅଛନ୍ତି। ଆପଣ ଏହାକୁ ଯୋଗ୍ୟ ଭାବରେ ହାସଲ୍ କରିପାରନ୍ତି ନାହିଁ। ଏପରି କିଛି ନାହିଁ ଯାହା ଆପଣ ଏହାକୁ ପାଇବା ପାଇଁ କରିପାରନ୍ତି। ସେ କେବଳ ଏହାକୁ ଆପଣଙ୍କୁ ଦିଅନ୍ତି। ଆପଣଙ୍କୁ ନରକରୁ ରକ୍ଷା କରିବା ପାଇଁ, ସେ ଆପଣଙ୍କ ପାଇଁ ଯାହା କରିଛନ୍ତି କଅଣ ଆପଣ ତାହା ଗ୍ରହଣ କରିବେ କି?"

130 ସେ କହିଲେ, "ମୁଁ ତାହା କରିବି।" ସେ କହିଲେ, "କିନ୍ତୁ ଯଦି ମୁଁ କେବଳ ଏହି ସିଗାରେଟରୁ ମୁକ୍ତି ପାଇପାରେ।"

131 ମୁଁ କହିଲି, "ସେହି ସିଗାରେଟ୍ ତାର ଯତ୍ନ ନେବ। ଆପଣ କେବଳ...ମୁଁ ଆପଣଙ୍କୁ ପଚାରୁ ନାହିଁ। ମୁଁ ଜଣେ ଆଇନବାଦୀ ନୁହେଁ। ମୁଁ ଅନୁଗ୍ରହରେ ବିଶ୍ୱାସ କରେ। 'ପିତା ମୋତେ

ଯେସମସ୍ତଙ୍କୁ ଦେଇଛନ୍ତି, ସେମାନେ ମୋ ପାଖକୁ ଆସିବେ।'" ମୁଁ କହିଲି, "ଯଦି ଆପଣ ଏହାକୁ ନିଜର ସମସ୍ତ ହୃଦୟରେ ବିଶ୍ୱାସ କରିବେ!"

ସେ କହିଲେ, "ମୁଁ ମୋର ସମସ୍ତ ହୃଦୟ ସହିତ, ଏହାକୁ ବିଶ୍ୱାସ କରେ।"

132 "ତାହାହେଲେ କଅଣ ଆପଣ ଏହାକୁ ସେହି ଆଧାରରେ ଗ୍ରହଣ କରିବେ କି, ଯେ ଆପଣ ଏହାର ଯୋଗ୍ୟ ନୁହଁନ୍ତି, ମାତ୍ର ସେ ହିଁ ଜଣେ ଯିଏକି ଯୋଗ୍ୟ ଅଟନ୍ତି? ନିଜକୁ ଅନାନ୍ତୁ ନାହିଁ; ତାହାଙ୍କ ଆଡକୁ ଅନାନ୍ତୁ, କାରଣ ଆପଣ ନିଜ ପାଇଁ କିଛି ହେଲେ କରିପାରନ୍ତି ନାହିଁ। ସେହି ଜଣକାକୁ ଦେଖନ୍ତୁ ଯିଏକି ଆପଣଙ୍କ ପାଇଁ କିଛି କରିଥିଲେ। ତାହାଙ୍କ ବିଷୟରେ କଅଣ?"

"ଓଃ," ସେ କହିଲେ, "ସେ ହିଁ ଯୋଗ୍ୟ।"

ମୁଁ କହିଲି, "ତାହାହିଁ ଏହା ଅଟେ, ତାହାହେଲେ ସେ ଆପଣଙ୍କୁ ଯାହା ଦିଅନ୍ତି ତାହା ଗ୍ରହଣ କରନ୍ତୁ।"

ସେ କହିଲେ, "ମୁଁ କରେ।"

133 ଏବଂ ମୁଁ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲି। ଏବଂ ସେ ଏଠାରୁ ବାହାରକୁ ଯାଇ ଏକ ସିଗାରେଟ୍ ଜାଳିଲେ।

134 କିଛି ସପ୍ତାହ ପୂର୍ବରୁ ମୁଁ ତାଙ୍କ ଗୃହସ୍ଥାନକୁ ଯାଇଥିଲି। ମୁଁ ଗୋଟିଏ ରାତି ଏକ ଦର୍ଶନ ଦେଖିଲି, ଏକ ଚିର ସବୁଜ ଗଛ କଟା ହୋଇ, ଓଲଟ ପାଲଟ କରା ଯାଉଥିଲା। ମୁଁ ସେଥିରେ ପଟାଗୁଡିକୁ କଣ୍ଟାରେ ପିଟା ହୋଇଥିବାର ଦେଖିଲି। ଶେଷ ପଟାର ଠିକ୍ ପାଖରେ ଗୋଟିଏ ଉଲ୍ଲେଖନୀୟ ପଟା ଥିଲା। ଏବଂ ସେହି ପଟାର ତଳେ, ଠିକ ତାର ଶେଷ ଆଡକୁ, *ଏହିପରି* ଭାବରେ ବାହାରିଥିଲା, ସେହି ଗଛଟି ଠିକ ସେହିଠାରେ ଭାଙ୍ଗି ଯାଇଥିଲା। ଏବଂ ଏକ ସ୍ୱର କହିଲା, "ଏହା ତୁମେ ହେବା ଉଚିତ୍," କିମ୍ୱା, "ଏହା ତୁମେ ହୋଇଥାଆନ୍ତ।" ଏବଂ ପାପା କକ୍ସ ତଳେ ପଡିଗଲେ, ତାଙ୍କ ପିଠିରେ *ଏଠା*ରେ ମାଡ ବାଜିଲା। ତେଣୁ ପରଦିନ ସକାଳେ ସେ ବିଛଣାରେ ଥିବାବେଳେ ସେମାନେ ତାଙ୍କର ସିଗାରେଟ୍ ତାଙ୍କ ପାଖକୁ ଆଣିଲେ, ସେହି ଇଚ୍ଛା ତାଙ୍କୁ ଛାଡି ଚାଲି ଯାଇଥିଲା। ଅନେକ ସପ୍ତାହ ପୂର୍ବେ! ସେ ଗୋଟିଏ ବି ଆସ୍ୱାଦନ କରି ନ ଥିଲେ, ଏପରିକି ଗୋଟିଏ ସୁଦ୍ଧା କିମ୍ୱା ଅନ୍ୟ କିଛି ଚାହିଁ ନ ଥିଲେ। ବୁଝିଲେ? ଏବଂ ମୁଁ ତାଙ୍କୁ କିଛି ସମୟ ପୂର୍ବରୁ ଦେଖିଲି, ଯେତେବେଳେକି କିଛି ସପ୍ତାହ ପୂର୍ବରୁ, ସିଗାରେଟ୍ ସହିତ, ତାଙ୍କର ହାତ ସବୁ ବାଦାମୀ ରଙ୍ଗର ହୋଇ ଯାଇଥିଲା, ଏବଂ ବର୍ତ୍ତମାନ ସେ ତାଙ୍କ ଆଖପାଖରେ ଗୋଟିଏ ବି ସୁଦ୍ଧା ରହିଥିବାର ସହ୍ୟ କରିପାରନ୍ତି ନାହିଁ। ପ୍ରଥମ ଜିନିଷଗୁଡିକ ପ୍ରଥମରେ ରଖନ୍ତୁ! ଭଲ ହେବାକୁ ଚେଷ୍ଟା କରନ୍ତୁ ନାହିଁ; ଆପଣ ତ ଆରମ୍ଭରୁ ହିଁ, ଖରାପ ଅଟନ୍ତି, ଏବଂ ଏପରି କିଛି ନାହିଁ ଯାହା ଆପଣ କରିପାରନ୍ତି। ସେଠାରେ ଏକ ପୃଥକୀକରଣ ରେଖା ଅଛି, ଏବଂ ସମସ୍ତ ମାନବଜାତି ଆର ପାର୍ଶ୍ୱରେ ଅଛନ୍ତି।

135 ତେବେ, ଯେତେବେଳେ ମୁଁ ଏହି ଜଗତରେ ଜନ୍ମ ହୋଇଥିଲି, ଏହା ମୋ ପିତା ଏବଂ ମାତା ମଧ୍ୟରେ, ଏକ ପବିତ୍ର ବିବାହ ବନ୍ଧନ ମଧ୍ୟରେ ହୋଇଥିଲା; ତାଙ୍କ ଗର୍ଭରେ ଏକ

ଅଣ୍ଡା ଥିଲା, ମୋ ପିତାଙ୍କ ଗ୍ରନ୍ଥିରେ ଏକ ରକ୍ତ କୋଷିକା ଥିଲା। ମୋ ଜୀବନ ସେହି ରକ୍ତ କୋଷିକାରୁ (ମୋ ମାଆର ଅଣ୍ଡା ନୁହେଁ), ମୋ ପିତାଙ୍କ ରକ୍ତ କୋଷିକାକୁ ନେଇ ଗଠିତ ଅଟେ। ଏବଂ ଯେତେବେଳେ ସେହି ରକ୍ତ କୋଷିକା ଅଣ୍ଡାକୁ ସାକ୍ଷାତ କରିବା ପାଇଁ ତାର ଉପଯୁକ୍ତ ସ୍ଥାନକୁ ଗଲା, ଯେତେବେଳେ ଏହା ଗଲା, ସେତେବେଳେ ମୋତେ ଏକ ଶରୀର ଦିଆଯିବା ପାଇଁ ପ୍ରକୃତିକୁ ପରମେଶ୍ୱରଙ୍କ ଦ୍ୱାରା ଆଦେଶ ଦିଆଗଲା। ଏବଂ ତାହାପରେ ଯାଇ ମୁଁ ସେତେବେଳେ ମାନବ ଜାତିରେ ଜନ୍ମ ହେଲି, ମୋତେ ମଣିଷମାନଙ୍କ ପରି ଏକ ବୁଦ୍ଧିମାନ ବ୍ୟକ୍ତି ହେବାକୁ—କୁ ଏକ ସୁଯୋଗ ଦିଆଗଲା, ଯେଉଁଠାରେକି ମୁଁ ଏକ ଯାନବାହନ ଚଲାଇ ପାରିବି, କିମ୍ବା ମୁଁ ସେହି ଜିନିଷଗୁଡିକୁ କରିପାରିବି ଯେପରିକି ମଣିଷ କରିଥାଏ, ଚାଲିଥାଏ, କଥାବାର୍ତ୍ତା କରିଥାଏ, ଏକ ଗାଡି ଚଲାଇଥାଏ, ଏବଂ ଇତ୍ୟାଦି ସବୁ କରିଥାଏ। ମୋତେ ତାହା ଦିଆଗଲା, କାରଣ ମୁଁ ମାନବ ପରିବାରରେ ଜନ୍ମ ହୋଇଥିଲି, ଏବଂ ଏକ ମଣିଷ ହେବା ନିମନ୍ତେ ବୁଦ୍ଧିର ଶକ୍ତି ପ୍ରଦାନ କରାଗଲା।

136 ତେବେ, ଯେତେବେଳେ ମୁଁ ପରମେଶ୍ୱରଙ୍କ ପରିବାରରେ ଜନ୍ମ ହେଲି, ମୁଁ ରକ୍ତ ଦ୍ୱାରା ଆସିଲି, ସେହି ରକ୍ତ ମୋତେ ଜୀବନ ପ୍ରଦାନ କଲା। ଏବଂ ତାହାପରେ ମୁଁ ଖ୍ରୀଷ୍ଟଙ୍କଠାରେ ଜୀବିତ ହେବା ପରେ, ସେ ମୋତେ ପରମେଶ୍ୱରଙ୍କ ପୁତ୍ର ହେବା ପାଇଁ, ପବିତ୍ରଆତ୍ମା ଏବଂ ଶକ୍ତି ଦ୍ୱାରା ବାପ୍ତିଜିତ କଲେ। ତେବେ, ଯେପରି ମୁଁ ଜଣେ ମଣିଷ ପରି ଚାଲିପାରିଥାଏ, କଥାବାର୍ତ୍ତା କରିପାରିଥାଏ, ମଣିଷ ପରି ମୋ କାରକୁ ଚଲାଇ ପାରିଥାଏ, ସେହିପରି ତେବେ ଯେତେବେଳେ ମୁଁ ପବିତ୍ରଆତ୍ମା ଗ୍ରହଣ କରେ, ସେତେବେଳେ ମୁଁ ଭୂତମାନଙ୍କୁ ଛଡାଇବାକୁ, ନୂତନ ଭାଷା ସହିତ କଥା କହିବାକୁ, ସୁସମାଚାର ପ୍ରଚାର କରିବାକୁ, ରୋଗୀଙ୍କୁ ସୁସ୍ଥ କରିବାକୁ ଶକ୍ତି ପାଇଥାଏ। ମୁଁ ବାପ୍ତିଜିତ ଅଟେ! ଜନ୍ମ ନୁହେଁ; ମାତ୍ର ବାପ୍ତିଜିତ ଅଟେ!

ସେମାନେ ଉପର କୋଠରୀରେ ଏକତ୍ରିତ ହୋଇଥିଲେ,
ସମସ୍ତେ ତାହାଙ୍କ ନାମରେ ପ୍ରାର୍ଥନା କରୁଥିଲେ,
ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେଲେ,
ଏବଂ ସେବା ପାଇଁ ଶକ୍ତି ଆସିଥିଲା।

137 ଆମେନ୍। ଆପଣ ଅନନ୍ତ ଜୀବନକୁ ବିଶ୍ୱାସ କରନ୍ତି, ଏବଂ ନିଜର ବିଶ୍ୱାସ ଦ୍ୱାରା ନୂତନ ଜନ୍ମ ପାଇଥାନ୍ତି। ଯୀଶୁ ସାଧୁ ଯୋହନ 5:24 ରେ, କହିଥିଲେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଏ," ପବିତ୍ରଆତ୍ମା ନୁହେଁ, କେବଳ ଅନନ୍ତ ଜୀବନ ପାଇଥାଏ। ସେ ପରମେଶ୍ୱରଙ୍କ ପରିବାରରେ ଜନ୍ମଗ୍ରହଣ କରିଥାଏ। ଏବଂ ତାହାପରେ ବିଶ୍ୱାସର ବୃଦ୍ଧି ଓ ଶକ୍ତି ସହିତ ପବିତ୍ରଆତ୍ମାଙ୍କଠାରେ ବାପ୍ତିଜିତ ହୁଏ, ଯେପରିକି ସୁସମାଚାରକୁ ବିଶ୍ୱାସ କରେ ଏବଂ ଏହାକୁ କାର୍ଯ୍ୟରେ ଲଗାଏ ଏବଂ ଏହାକୁ ସଠିକ୍ ଭାବେ ଆଚରଣ କରେ। ଆମେନ୍। ତାହାପରେ ସେ ପରମେଶ୍ୱରଙ୍କ ଜଣେ ପୁତ୍ର ଭଳି ଆଚରଣ କରେ। ତାହାପରେ ସେ ଭୂତମାନଙ୍କୁ ଛଡାଇପାରେ। ଯୀଶୁ କହିଲେ, "ଏହି ଚିହ୍ନଗୁଡିକ ସେମାନଙ୍କର ଅନୁଗାମୀ ହେବ!" ବୁଝିଲେ? "ମୋ ନାମରେ ସେମାନେ

ଭୂତମାନଙ୍କୁ ଛଡାଇବେ, ନୂତନ ଭାଷାରେ କଥା କହିବେ, ସର୍ପମାନଙ୍କୁ ନେବେ, ପ୍ରାଣନାଶକ ବସ୍ତୁ ପାନ କରିବେ।" ଦେଖନ୍ତୁ, ସେ ଏହି କାର୍ଯ୍ୟ କରିବା ପାଇଁ, ପବିତ୍ରଆତ୍ମାଙ୍କ ଦ୍ୱାରା ଶକ୍ତି ପ୍ରାପ୍ତ ହୁଅନ୍ତି।

138 ତେବେ, ଯେତେବେଳେ ସେ ଚାଲିଗଲେ, ସେ କହିଲେ, "ମୋ ପାଇଁ ଉତ୍ତମ ଯେ ମୁଁ ଚାଲିଯାଏ। କାରଣ, ଯଦି ମୁଁ ନ ଯାଏ, ପବିତ୍ରଆତ୍ମା ଆସିବେ ନାହିଁ।" ବୁଝିଲେ? ତାହାପରେ ଯେତେବେଳେ ସେ ଆସିବେ, ସେ ଜଗତକୁ ପାପ ବିଷୟରେ ଭର୍ତ୍ସନା କରିବେ, ଏବଂ ଧାର୍ମିକତା ବିଷୟ ଶିକ୍ଷା ଦେବେ, ଏବଂ ଆଗାମୀ ବିଷୟଗୁଡିକ ଦେଖାଇବେ (ତାହା ହେଉଛି ଦର୍ଶନ)। "ମୁଁ ଶିକ୍ଷା ଦେଇଥିବା ବିଷୟଗୁଡ଼ିକୁ ସେ ନେବେ, ଏବଂ ତୁମଠାରେ ତାହା ପ୍ରକଟ କରିବେ।" ଠିକ ସେହି ବାକ୍ୟଗୁଡିକୁ ଯେ ସେ ଆସୁଛନ୍ତି...କୌଣସି ବ୍ୟକ୍ତି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବାହାରେ ସେହି ବାକ୍ୟକୁ ବୁଝିପାରନ୍ତି ନାହିଁ। ଏବଂ ଯେତେବେଳେ ଜଣେ ବ୍ୟକ୍ତି କୁହନ୍ତି ଯେ ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଛନ୍ତି, ଏବଂ ସେହି ବାକ୍ୟଟି ଠିକ୍ ବୋଲି ବିବାଦ କରନ୍ତି, ତେବେ ସେଠାରେ କିଛି ଗୋଟାଏ ଭୁଲ୍ ଅଛି।

139 ପାଉଲ ନୂତନ ନିୟମର ଜଣେ ସମାଲୋଚକ ଥିଲେ। ଏହା ନ ଥିଲା, ନୂତନ ନିୟମ ଲେଖା ହୋଇ ନ ଥିଲା। ପାଉଲ ଖ୍ରୀଷ୍ଟିଆନ ଧର୍ମର ଜଣେ ସମାଲୋଚକ ଥିଲେ, ଶାଉଲ। ଏବଂ ଯେତେବେଳେ ସେ ପବିତ୍ରଆତ୍ମା ପାଇଲେ, ସେ ତିନି ବର୍ଷ କାଳ ଆସିଆକୁ ଯାଇ ଶାସ୍ତ୍ର ଅଧ୍ୟୟନ କଲେ, କାରଣ ସେ ଜଣେ ମହାନ୍ ଗୁରୁ, ଗମଲିୟେଲ୍‌ଙ୍କ ଅଧୀନରେ ଶିକ୍ଷାଲାଭ କରିଥିଲେ। ତାହାପରେ ଯେତେବେଳେ ସେ ଫେରି ଆସିଲେ, ଏବଂ ଚଉଦ ବର୍ଷ ପରେ, ସେ ଯିରୁଶାଲମରେ ପିତରଙ୍କୁ ଭେଟିବା ପାଇଁ ଗଲେ, ଏବଂ ଜାଣିବାକୁ ପାଇଲେ ଯେ ସେମାନେ ପ୍ରତ୍ୟେକ ବାକ୍ୟରେ ଏବଂ ବାକ୍ୟ ଦ୍ୱାରା ଠିକ ସେହି ସମାନ ସୁସମାଚାର ଥିଲେ। ସେହି ସମାନ ପରମେଶ୍ୱର ଯିଏକି ପେଣ୍ଟିକଷ୍ଟର ଦିନରେ ପିତରଙ୍କୁ ପ୍ରଚାର କରିଥିଲେ ଏବଂ ସେମାନଙ୍କୁ ମନଫେରଣ କରିବାକୁ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ କହିଥିଲେ, ସେହି ସମାନ ପବିତ୍ରଆତ୍ମା ପାଉଲଙ୍କଠାରେ ଏହା ପ୍ରକାଶ କରିଥିଲେ, ଏବଂ ପ୍ରେରିତ ୧୨ ରେ ସେ ସେମାନଙ୍କୁ କହିଲେ ଯେଉଁମାନେକି ଥରେ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇସାରିଥିଲେ, କହିଲେ, "ତୁମକୁ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଅଛି।" ବୁଝିଲେ?

140 ଦେଖନ୍ତୁ, ପବିତ୍ରଆତ୍ମା ଠିକ ସେହି ଶାସ୍ତ୍ର ସହିତ ସଳଖ ରହିଥାନ୍ତି। ଏହା ତ ସେଥିରେ ଥିବା ବିଶ୍ୱାସ ଅଟେ ଯାହାକି ପ୍ରତ୍ୟେକ ରହସ୍ୟକୁ ଖୋଲି ଦେଇଥାଏ। ଆମେନ୍। ବାଇବଲ ପ୍ରଥମ ଯୋହନ 5:7 ରେ, କୁହେ, "ସ୍ୱର୍ଗରେ, ତିନି ଜଣ ଅଛନ୍ତି ଯେଉଁମାନେକି ସାକ୍ଷ୍ୟ ଦିଅନ୍ତି: ପିତା, ବାକ୍ୟ (ଯାହାକି ଖ୍ରୀଷ୍ଟ ଥିଲେ) ଏବଂ ପବିତ୍ରଆତ୍ମା। ଏହି ତିନିଜଣ ଏକ ଅଟନ୍ତି।" "ଏବଂ ପୃଥିବୀରେ ତିନି ଜଣ ଅଛନ୍ତି ଯେଉଁମାନେକି ସାକ୍ଷ୍ୟ ଦିଅନ୍ତି: ଜଳ, ରକ୍ତ, ଆତ୍ମା। ଏହି ତିନିଜଣ ଏକ ନୁହଁନ୍ତି, ମାତ୍ର ସେମାନେ ଏକରେ ସହମତ ଅଟନ୍ତି।" ତେବେ, ଆପଣ ପୁତ୍ରକୁ ନ ପାଇ ପିତାଙ୍କୁ ପାଇପାରନ୍ତି ନାହିଁ, ଆପଣ ପବିତ୍ରଆତ୍ମା ନ ପାଇ ପୁତ୍ରଙ୍କୁ ପାଇପାରନ୍ତି ନାହିଁ;

ସେମାନେ ଏକ ଅଟନ୍ତି । ମାତ୍ର ଆପଣ ପବିତ୍ରୀକୃତ ନ ହୋଇ ଧାର୍ମିକ ଗଣିତ ହୋଇପାରନ୍ତି, ଏବଂ ଆପଣ ପବିତ୍ରଆତ୍ମା ବିନା ପବିତ୍ରୀକୃତ ହୋଇପାରନ୍ତି । ପବିତ୍ରୀକୃତ ହେବା ରକ୍ତ ଦ୍ୱାରା ଅଟେ, ରକ୍ତ ମାଧ୍ୟମରେ ଜୀବନ ଆସେ । ବୁଝିଲେ? ଏବଂ ପବିତ୍ରଆତ୍ମା ପରମେଶ୍ୱରଙ୍କ ଶକ୍ତି ଅଟେ, ଦେଖନ୍ତୁ, ମଣ୍ଡଳୀକୁ ଦିଆଯାଇଥିବା ଶକ୍ତି ଅଟେ ।

141 "ତୁମେମାନେ ପ୍ରାପ୍ତ ହେବ" (କଅଣ?) "ଶକ୍ତି," ପ୍ରେରିତ 1:୫, "ପବିତ୍ରଆତ୍ମା ତୁମ ଉପରକୁ ଓହ୍ଲାଇ ଆସିବା ପରେ । ତୁମେମାନେ ଶକ୍ତି ପ୍ରାପ୍ତ ହେବ!" (ଏହା ନୁହେଁ ଯେ "ତୁମେ ନୂତନ ଜନ୍ମ ପ୍ରାପ୍ତ ହେବ ।") "ପବିତ୍ରଆତ୍ମା ତୁମ ଉପରକୁ ଓହ୍ଲାଇ ଆସିବା ପରେ ତୁମେମାନେ ଶକ୍ତି ପ୍ରାପ୍ତ ହେବ । ତାହାପରେ ଯାଇ ତୁମେମାନେ ଯିରୁଶାଲମ, ଯିହୁଦା ଏବଂ ଶମିରୋଣରେ, ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ମୋର ସାକ୍ଷୀ ଅଟ ।" ବୁଝିଲେ? ଆପଣ ପବିତ୍ରଆତ୍ମା ପାଇବା ପରେ ଶକ୍ତି ପ୍ରାପ୍ତ ହୁଅନ୍ତି । କିନ୍ତୁ ପ୍ରଥମେ ଆପଣଙ୍କୁ ପବିତ୍ରଆତ୍ମା ପ୍ରାପ୍ତ ହେବାକୁ ଅଛି, ଏବଂ ତାହା ପରମେଶ୍ୱରଙ୍କ ଶକ୍ତି ଅଟେ, ଦେଖନ୍ତୁ, ପ୍ରକଟ କରିବା ନିମନ୍ତେ ଏବଂ ପ୍ରଦର୍ଶନ କରିବା ନିମନ୍ତେ । ଆପଣ—ଆପଣ...ଯେହେତୁ ଆପଣ ଜଣେ ମଣିଷ ଥିଲେ, ଏବଂ ଜଣେ ମଣିଷ ପରି କଥା କହିବାକୁ ଏବଂ ଚାଲିବାକୁ ଓ ଜିନିଷଗୁଡିକୁ କରିବାକୁ ଶିଖିଲେ; ଯେତେବେଳେ ଆପଣ ପବିତ୍ରଆତ୍ମାରେ ବାପ୍ତିଜିତ ହୁଅନ୍ତି, ସେତେବେଳେ ଆପଣଙ୍କୁ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ଭାବରେ ଆଚରଣ କରିବା ନିମନ୍ତେ ଶକ୍ତି ଦିଆଯାଏ । ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଲୋକମାନେ ଆଜି ଯେପରି ଭାବରେ ଆଚରଣ କରନ୍ତି ଓ କାର୍ଯ୍ୟ କରନ୍ତି, ସେମାନେ କଦାପି ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରା ହୋଇନାହାଁନ୍ତି । ଯଦି ସେମାନେ ହୋଇଥାଆନ୍ତେ, ତେବେ ସେମାନେ ଭିନ୍ନ ଭାବେ ଆଚରଣ କରୁଥାନ୍ତେ । ସେମାନେ ଦାବି କରନ୍ତି ଯେ ସେମାନେ ହୋଇଅଛନ୍ତି, ମାତ୍ର ଯୀଶୁ କହିଲେ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ ।" ତେବେ ଆପଣ ଏହା କିପରି କରିପାରନ୍ତି, ଆପଣ ଦେଖନ୍ତୁ, ଏହା ତ କେବଳ ସମ୍ପୂର୍ଣ୍ଣ ଭାବରେ ସନ୍ଦେହାସ୍ପଦ ଅଟେ । ବୁଝିଲେ? ମାତ୍ର ତଥ୍ୟ ନିକଟକୁ ଫେରି ଆସନ୍ତୁ!

142 ତେବେ, ଯଦି ଆପଣ ସଳଖ ଚାଲନ୍ତି ଏବଂ ନିଜକୁ ଖ୍ରୀଷ୍ଟିଆନ ବୋଲି ଦାବି କରନ୍ତି, ତାହାହେଲେ ଆମେମାନେ ଆଜି ରାତି ଆପଣଙ୍କୁ ପ୍ରଭୁଙ୍କର ମେଜକୁ ନିମନ୍ତ୍ରଣ କରୁଅଛୁ । ଆଜି, ଏଥିରେ କୌଣସି ସନ୍ଦେହ ନାହିଁ, ଯେ ଏହି ପ୍ରଭୁଭୋଜକୁ ସମଗ୍ର ଦେଶରେ ନିଆ ଯାଇଥାଏ, ସେମାନଙ୍କ ମଧ୍ୟରୁ କେତେକ ଗୋଟିଏ ପ୍ରକାରେ ଏବଂ ଅନ୍ୟ କେତେ ଜଣ ଅନ୍ୟ ପ୍ରକାରେ । କିନ୍ତୁ ମୁଁ ଭାବୁଛି ଯେ ଏହା କରିବାର ସର୍ବୋତ୍ତମ ଉପାୟ ହେଉଛି ଶାସ୍ତ୍ରାଂଶକୁ ଅନୁସରଣ କରିବା, ଠିକ ଯେପରି ଶାସ୍ତ୍ରରେ ସେମାନେ କରିଥିଲେ । ମୁଁ ଭାବୁଛି ଯେ ଏହା ଯଥେଷ୍ଟ ହେବ ।

143 ଭାଇ ନେଭିଲ୍, କଅଣ ଆପଣଙ୍କ ପାଖରେ ଆପଣଙ୍କର ବାଇବଲ ଅଛି କି? ଭାଇ ନେଭିଲ୍ ବର୍ତ୍ତମାନ ଶାସ୍ତ୍ର ପାଠ କରିବେ ।

[ଭାଇ ନେଭିଲ୍ କୁହନ୍ତି, "ପ୍ରଥମ କରିନ୍ଥୀୟର 11ଶ ପର୍ବରେ, ତାର 2୩ତମ ପଦରୁ ଆରମ୍ଭ କରି:"—ସମ୍ପା ।]

*[କାରଣ ମୁଁ ପ୍ରଭୁଙ୍କଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଦିନ:]*

*[ଧନ୍ୟବାଦ, ଦେଇ, ପରେ, ତାହା ଭାଙ୍ଗି, କହିଲେ; ଏହା ତୁମ୍ଭମାନଙ୍କ ନିମନ୍ତେ, ମୋହର ଶରୀର: ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।]*

*[ସେହିପରି ଭୋଜନ ଉତ୍ତାରେ, ସେ ପାନପାତ୍ର ମଧ୍ୟ ଘେନି, କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ: ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।]*

*[କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର, ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ।]*

*[ଅତଏବ, ଯେକେହି ଅଯୋଗ୍ୟ ଭାବରେ, ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବ ।]*

*[କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ, ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ, ଓ ଏହି ପାତ୍ରରୁ ପାନ କରୁ ।]*

*[କାରଣ ଯେ ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି, ଭୋଜନ କରେ ଓ ପାନ କରେ, ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନ କରେ ।]*

*[ଏହିହେତୁ ତୁମ୍ଭମାନଙ୍କ ମଧ୍ୟରେ ଅନେକେ ଦୁର୍ବଳ ଓ ପୀଡିତ, ପୁଣି ଅନେକେ ମହାନିଦ୍ରାପ୍ରାପ୍ତ ଅଟନ୍ତି ।]*

*[କାରଣ ଯଦି ଆମେ ନିଜେ ବିଚାର କରିବା, ତେବେ ଆମକୁ ବିଚାର କରାଯିବା ଉଚିତ୍ ନୁହେଁ ।]*

*[କିନ୍ତୁ ଯଦି ଆମ୍ଭେମାନେ ଆପଣା ଆପଣାର ବିଚାର କରନ୍ତୁ, ତେବେ ବିଚାରିତ ହେଉ ନ ଥାଆନ୍ତୁ ଆଉ ଜଗତ ସହିତ ଯେପରି ଦଣ୍ଡାଜ୍ଞା ପ୍ରାପ୍ତ ନ ହେଉ, ଏଥି ନିମନ୍ତେ ପ୍ରଭୁଙ୍କ ଦ୍ୱାରା ବିଚାରିତ ହୋଇ ଆମ୍ଭେମାନେ ଶାନ୍ତି ଭୋଗ କରୁଅଛୁ ।]*

["ପ୍ରଭୁ ତାହାଙ୍କ ବାକ୍ୟ ପାଠ କରାଯିବାରେ ଆଶୀର୍ବାଦ କରନ୍ତୁ ।"]

144 ଏହା ସର୍ବଦା ଏପରି ଏକ ପବିତ୍ର ବିଷୟ ଅଟେ, ଏପରି ଏକ ପବିତ୍ର ଜିନିଷ ଅଟେ, ଯେ ମୁଁ ଭାବୁଛି ଆମେ ବର୍ତ୍ତମାନ ନୀରବ ପ୍ରାର୍ଥନାରେ ନିଜର ମସ୍ତକଗୁଡ଼ିକୁ ନତ କରିବା ଉଚିତ୍ । ଆପଣମାନେ ମୋ ପାଇଁ ପ୍ରାର୍ଥନା କରନ୍ତୁ, ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବି । ଆସନ୍ତୁ ଆମେମାନେ ପରସ୍ପର ଜଣେ ଅନ୍ୟ ପାଇଁ ପ୍ରାର୍ଥନା କରିବା, ଯେ ପରମେଶ୍ୱର ଆମ ପରି

ଅଯୋଗ୍ୟ ପ୍ରାଣୀମାନଙ୍କ ପ୍ରତି ଦୟା କରିବେ ଯେଉଁମାନେକି ଆମ ପ୍ରଭୁଙ୍କର ମୃତ୍ୟୁର ସ୍ମୃତିରେ ଏହି ମହାନ ଧର୍ମବିଧିର ସହଭାଗୀ ହେବାକୁ ଯାଉଅଛୁ।

145 [ଭାଇ ବ୍ରାନହାମ୍ ନୀରବ ପ୍ରାର୍ଥନା ପାଇଁ ବିରତି ନିଅନ୍ତି। ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଆହେ ଆମମାନଙ୍କର ପିତା, ଆମେମାନେ ଏହି ସ୍ୱୀକାରୋକ୍ତିର ପ୍ରାର୍ଥନାକୁ, ଆମର ବଳିଦାନ, ପ୍ରଭୁ ଯୀଶୁଙ୍କ ସହିତ, ତୁମର ସୁବର୍ଣ୍ଣ ବେଦୀ ଉପରେ ଢାଳୁଅଛୁ। ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ। ଆମେନ୍।

146 ତେବେ ମୁଁ ଭାବୁଛି ଯେ ପ୍ରାଚୀନମାନେ ସେମାନଙ୍କର ସ୍ଥାନ ଗ୍ରହଣ କରି ନେବେ, ଏବଂ ସେମାନେ...ମଣ୍ଡଳୀର, ଏବଂ ପ୍ରଭୁଭୋଜ ପାଇଁ, ସେମାନେ ଧାଡି ପରେ ଧାଡି, ଲୋକମାନଙ୍କୁ ନେଇ ଆସିବେ। ସଦାବେଳେ ସେହି ଗୀତ ବିଷୟରେ ଚିନ୍ତା କରନ୍ତୁ:

> ମୃତ୍ୟୁବରଣ କରୁଥିବା ପ୍ରିୟ ମେଷଶାବକ, ତୁମର ମୂଲ୍ୟବାନ ରକ୍ତ
> କଦାପି ନିଜର ଶକ୍ତିକୁ ହରାଇବ ନାହିଁ,
> ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ମୂଲ୍ୟରେ କ୍ରୀତ ସମସ୍ତ ମଣ୍ଡଳୀ
> ଉଦ୍ଧାର ନ କରାଯାଆନ୍ତି, ଯେପରିକି ଆଉ ପାପ ନ କରନ୍ତି।

ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା।

147 ଅନୁଗ୍ରହକାରୀ ତଥା ପବିତ୍ର ପିତା, ଯିହୋବା, ସେହି ମହାନ ସର୍ବଶକ୍ତିମାନ୍, ଆମେମାନେ ଯେତେବେଳେ ଅପେକ୍ଷା କରୁଅଛୁ ତୁମେ ତୁମର ଲୋକମାନଙ୍କ ଉପରେ ଆଶୀର୍ବାଦ ପଠାଅ। ଆମର ପାପଗୁଡିକୁ କ୍ଷମା କର। ଏବଂ ବର୍ତ୍ତମାନ ଆମେ ତୁମକୁ ଏହି ଧର୍ମବିଧି ଅର୍ପଣ କରୁଅଛୁ, ଏହି ଦ୍ରାକ୍ଷାରସ, ଏହି ଦ୍ରାକ୍ଷାଫଳ ଯାହାକି ଚାଷ କରି ଉତ୍ପାଦନ କରାଯାଇଛି, ଏବଂ ସେବକଗଣଙ୍କର ହାତ ଏହାକୁ ଏକତ୍ର ଦଳିଚକଟି ଥିଲା। ଏବଂ ଏହାକୁ ଏଇଥି ପାଇଁ ଦ୍ରାକ୍ଷାରସରେ ତିଆରି କରା ଯାଇଥିଲା ଯେଉଁଥି ପାଇଁକି ଆମେ ଏହାକୁ ବର୍ତ୍ତମାନ ତୁମ ନିକଟକୁ ଆଣୁଅଛୁ, ଯେ ଏହା ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ ନିଦର୍ଶିତ କରିପାରେ। ପିତା, ମୁଁ ତୁମଠାରେ ପ୍ରାର୍ଥନା କରେ, ଯେ ଦ୍ରାକ୍ଷାରସକୁ ସେହି ଉଦ୍ଦେଶ୍ୟରେ ପବିତ୍ର କର। ଆମର ପ୍ରତ୍ୟେକ ପାପଗୁଡିକୁ କ୍ଷମା କର। ଏବଂ ଏହା ହେଉ ଯେ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏକି ଏହି ଦ୍ରାକ୍ଷାରସକୁ ନିଜ ଶରୀରରେ ଗ୍ରହଣ କରନ୍ତି, ସେମାନେ ତୁମଠାରୁ ସ୍ୱାସ୍ଥ୍ୟ, ଶକ୍ତି, ଏବଂ ପରିତ୍ରାଣ ପାଆନ୍ତୁ। ପ୍ରଭୁ, ଏହା ପ୍ରଦାନ କର। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

148 ବାଇବଲ କୁହେ ଯେ ଯେତେବେଳେ ସେ ରୁଟି ଭାଙ୍ଗି ଏହାକୁ ଆଶୀର୍ବାଦ କଲେ, କହିଲେ, "ନିଅ ଏବଂ ଭୋଜନ କର, ଏହା ମୋର ଶରୀର ଯାହା ତୁମ ନିମନ୍ତେ ଭଙ୍ଗା ଯାଇଅଛି। ଏହା ମୋର ସ୍ମରଣରେ କରୁଥାଅ।" ଏବଂ ଯେତେବେଳେ ଆମେମାନେ କୋଶେର ର, ଏହି ଛୋଟ ଛୋଟ ରୁଟି ଖଣ୍ଡକ ନେଉ, ଯାହାକି ଖମୀରଶୂନ୍ୟ କରା ଯାଇଅଛି, ଏହା ଖ୍ରୀଷ୍ଟିଆନମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଅଛି, ଏହା ତିଆରି ହୋଇଅଛି କାରଣ ଏହା—ଏହା ଖ୍ରୀଷ୍ଟଙ୍କ ଶରୀରକୁ

ନିଦର୍ଶିତ କରେ । ଆମେମାନେ ବୁଝୁଅଛୁ ଯେ—ଯେ ଏହା ଖ୍ରୀଷ୍ଟଙ୍କ ସମୟର, କିମ୍ବା ମଣ୍ଡଳୀର ଦିନର ଶିଷ୍ୟ ଥିଲେ, ଯେଉଁମାନେକି ଏହି ଅଂଶଗୁଡ଼ିକୁ ନେଇଥିଲେ ଓ ଶେଷ ରାତ୍ରିଭୋଜରେ, ଖ୍ରୀଷ୍ଟଙ୍କ ଶେଷ ରାତ୍ରିଭୋଜରେ ରାତ୍ରି ଭୋଜନ ପ୍ରସ୍ତୁତ କରିଥିଲେ । ଏବଂ ସମଗ୍ର ବାଇବଲ ଦେଇ, ଏହା ଶିଷ୍ୟମାନେ ହିଁ ଥିଲେ ଯେଉଁନମାନେକି ଲୋକମାନଙ୍କୁ ଏହିସବୁ ବିଷୟ ସେବା କରିଥିଲେ । ଏବଂ ଆଜି, ଆମର ଆଧୁନିକ-ଯୁଗର ଶିଷ୍ୟମାନେ, ଏଠାରେ ମଣ୍ଡଳୀରେ ଥିବା ଆମର ଭାଇମାନେ, ଏହି କାରଣର ଶିଷ୍ୟମାନେ, ଲୋକମାନଙ୍କର ସେବା କରନ୍ତି । ଏବଂ ସେମାନେ ଏହି ଅଂଶଗୁଡ଼ିକୁ ନେବେ ଓ ଲୋକମାନଙ୍କୁ ଦେବେ ।

149 ଏବଂ ବର୍ତ୍ତମାନ ଯେତେବେଳେ ଆପଣମାନେ ଏହି ରୁଟିକୁ ଗ୍ରହଣ କରନ୍ତି, ମନେରଖନ୍ତୁ, ଏହା ମେଷଶାବକକୁ ନିଦର୍ଶିତ କରେ । ବହୁ ବର୍ଷ ପୂର୍ବେ ଯେତେବେଳେ ଇସ୍ରାଏଲର ମେଷଶାବକ ନିଆଁରେ ଭଜା ହେଉଥିଲା, ଏବଂ ତିକ୍ତ ଶାକପାତ ସହିତ ଭୋଜନ କରାଯାଉଥିଲା, ସେତେବେଳେ ଲୋକମାନେ ଶକ୍ତି ପ୍ରାପ୍ତ ହେଉଥିଲେ; ସେମାନଙ୍କର ଜୋତା କେବେ ବି ଛିଣ୍ଡି ନ ଥିଲା, ସେମାନଙ୍କର ବସ୍ତ୍ର କେବେବି ଚିରି ନ ଥିଲା, ସମଗ୍ର ଯାତ୍ରାରେ ଯେପର୍ଯ୍ୟନ୍ତକି ସେମାନେ ସେମାନଙ୍କର ପ୍ରତିଜ୍ଞାତ ଦେଶକୁ ପହଞ୍ଚି ନ ଗଲେ । ପରମେଶ୍ୱର ଆମକୁ ତାହାଙ୍କର ସେବା କରିବାରେ, ସୁସ୍ଥ, ଖୁସି ରଖନ୍ତୁ ଯେପର୍ଯ୍ୟନ୍ତକି ସେ ଆମକୁ ଦେଇଥିବା ପ୍ରତିଜ୍ଞାତ ଦେଶରେ ଆମେ ପହଞ୍ଚି ନ ଯାଉ ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

150 ଅନୁଗ୍ରହକାରୀ ସ୍ୱର୍ଗସ୍ଥ ପିତା, ଯେତେବେଳେ ମୁଁ ଆଜି ରାତି ସେହି ପବିତ୍ର, ଆମ ପ୍ରଭୁଙ୍କର ପବିତ୍ରୀକୃତ ଶରୀର ବିଷୟରେ କଥା କହୁଅଛି, ଯାହାଙ୍କଠାରେ ପରମେଶ୍ୱରତ୍ୱର ପରିପୂର୍ଣ୍ଣତା ବାସ କରୁଥିଲା, ଯେତେବେଳେ ମୁଁ ସେହି ଶରୀର ବିଷୟରେ ଏହା ଚିନ୍ତା କରେ ଯେ ତାହା ଘାତ କରାଯାଇଥିଲା ଏବଂ—ଏବଂ ଭଙ୍ଗା ଯାଇଥିଲା, ଏବଂ ରକ୍ତ ଝରି ଯାଉଥିଲା, ତାହାଙ୍କ ପିଠି ଏବଂ ତାହାଙ୍କ ପଞ୍ଜରା ଦେଖା ଯାଉଥିଲା, ତାହାଙ୍କ ପିଠିରେ ଉପର ଓ ତଳ କ୍ଷତବିକ୍ଷତ ଦାଗ ରହିଥିଲା, ଯେତେବେଳେ ମୁଁ ଏହି କୁଞ୍ଚିତ, ଘାତ କରା ଯାଇଥିବା ରୁଟି ବିଷୟରେ ଚିନ୍ତା କରେ ଯେ ଏହା ତାହାକୁ ନିଦର୍ଶିତ କରିଥିଲା, ଏହା ଆମ ହୃଦୟ ଭିତରେ ସତେଜ ଭାବରେ ଆସିଥାଏ, ପ୍ରଭୁ, ଆଜି ରାତିରେ ଆମେ ଆମର ହୃଦୟଗୁଡିକୁ, ତୁମର ଯଜ୍ଞବେଦୀ ଉପରେ ରଖୁଅଛୁ । ହେ ପରମେଶ୍ୱର, ଆମକୁ କ୍ଷମା କର । ଏବଂ ଏହି ଭଙ୍ଗା ରୁଟି, ଯେତେବେଳେ ଏହା ଏମାନଙ୍କର ମୁଖକୁ ଯାଏ, ତୁମର ସେବକଗଣଙ୍କର, ଏବଂ ଏହା ହେଉ ଯେ ସେମାନେ ଏହା ଚିହ୍ନି ପାରନ୍ତୁ ଯେ ଏହା ତୁମର ମୂଲ୍ୟବାନ ଶରୀର ଅଟେ ଯାହାକି କ୍ଷତବିକ୍ଷତ ଏବଂ ଆଘାତ କରା ଯାଇଥିଲା, ଏବଂ ଆମେମାନେ କୋରଡାଘାତ ଦ୍ୱାରା ସୁସ୍ଥ ହୋଇଅଛୁ । ହେ ପ୍ରଭୁ, ଏହା ପ୍ରଦାନ କର । ଏହି କୋଶର ରୁଟିକୁ ଏହାର ନିହିତ ଉଦ୍ଦେଶ୍ୟ ନିମନ୍ତେ ପବିତ୍ର କର । ଆମେ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

କେବଳ ଗୋଟିଏ ମିନିଟ୍ ରୁହନ୍ତୁ ।

151 ଏହା ରୁଦ୍ଧ ପ୍ରଭୁଭୋଜ ନୁହେଁ। ପ୍ରତ୍ୟେକ ଖ୍ରୀଷ୍ଟିଆନ ବିଶ୍ୱାସୀଙ୍କୁ, ଆମ ସହିତରେ ଏହି ସହଭାଗିତା କରିବା ପାଇଁ ପ୍ରଭୁଙ୍କ ମେଜକୁ ସ୍ୱାଗତ ଅଛି…?…

62-1007 ସେହି ଦ୍ୱାରର ଚାବି

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:



Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org